## ମା' ଦୁର୍ଗାଙ୍କ ପ୍ରତିଷ୍ଠା ଦିବସ

ଭୁବନେଶ୍ୱର,(ବ୍ୟୁରୋ): ପବିତ୍ର ହେରାପଞ୍ଚମୀରେ ଶହୀଦନଗର ଦୁର୍ଗାପୂଜା ମଣ୍ଡପରେ ଦୁର୍ଗାପୂଜା ସମିତି ପକ୍ଷରୁ ଶୁକ୍ରବାର ମା' ଦୁର୍ଗାଙ୍କ ପ୍ରତିଷ୍ଠା ଦିବସ ଆରମ୍ଭ ହୋଇଛି। ସକାଳୁ ପ୍ରଥମେ ପୂଜକ, କର୍ତ୍ତା ଓ ସଦସ୍ୟମାନେ କେଦାରଗୌରୀଠାରେ ପୂଜା କରି କଳସରେ ପାଣି ଆଣିଥିଲେ। ଏହାପରେ ମା' ଦୁର୍ଗାଙ୍କ ପୂଜା ଓ ଯଜ୍ଞ ଆରମ୍ଭ କରାଯାଇଥିଲା। କରୋନା କଟକଣାକୁ ଦୃଷ୍ଟିରେ ରଖି ପୂଜାର୍ଚ୍ଚନା କରାଯାଉଛି। ପ୍ରତିବର୍ଷ ଭଳି ଚଳିତବର୍ଷ ମଧ ଯଜ୍ଞ ଓ ପୂଜା ୩ଦିନ ଧରି କରାଯିବ। ଆସନ୍ତା ରବିବାର ସନ୍ଧ୍ୟାରେ ପୂର୍ଣ୍ଣାହୁତି କାର୍ଯ୍ୟକ୍ରମ କରାଯିବ ବୋଲି ସମିତି ସମ୍ପାଦକ ନାରାୟଣ ମହାପାତ୍ର ସୂଚନା ଦେଇଛନ୍ତି। କାର୍ଯ୍ୟକ୍ରମରେ ସଂଗ୍ରାମ ଆଚାର୍ଯ୍ୟ, ଲଳିତ ମୋହନ ପଣ୍ଡା, ଆର୍ତ୍ତତ୍ରାଣ ସାହୁ, ଅଚ୍ୟୁତ ପ୍ରସାଦ ବେହେରା, ସରୋଜ ପାତ୍ର, ହରିହର ସାହୁ, ପୂଜକ ଓ ସଦସ୍ୟମାନେ ସହଯୋଗ କରିଥିଲେ।

# ଠକେଇକୁ ନେଇ ଅପହରଣ ବଢୁଛି

## ୫ ଅପହରଣକାରୀ, ୨ ଅପହୃତ ଗିରଫ

ଭୁବନେଶ୍ୱର,୧୭।୭(ବ୍ୟୁରୋ)





■ରେଲ୍‌ୱେରେ ଚାକିରି ଦେବାକୁ କହି ୨୧ଲକ୍ଷ ଟଙ୍କା ଠକିଥିଲେ

■ଅପହରଣ ଅଭିଯୋଗର ତଦନ୍ତବେଳେ ଠକେଇ ର‍୍ୟାକେଟ ଧରାପଡ଼ିଲା

ରାଜଧାନୀରେ ଠକେଇକୁ ନେଇ ଅପହରଣ ଘଟଣା ବଢ଼ିବାରେ ଲାଗିଛି। ନିକଟରେ ଠକେଇ କରିଥିବା ଜଣେ ଯୁବକଙ୍କୁ ଚନ୍ଦକା ଥାନାଞ୍ଚଳରୁ ଅପହରଣ କରି ଖୋର୍ଦ୍ଧାରେ ମୁଣ୍ଡଜାମିନ ରଖାଯାଇଥିଲା। ପୋଲିସ ତାଙ୍କୁ ଉଦ୍ଧାର କରିବା ପରେ ଅପହରଣ ପଛରେ ଠକେଇ ରହିଥିବା ଜଣାପଡିଥିଲା। ଏବେ ଆଉ ଏକ ସମାନ ଘଟଣା ଘଟିଛି। ଭୁବନେଶ୍ୱର କମିଶନରେଟ୍ ପୋଲିସ ଏକ ଅପହରଣ ମାମଲାର ତଦନ୍ତ କରୁଥିବାବେଳେ ଏକ ଠକେଇ ର‍୍ୟାକେଟକୁ ଧରିଛି। ଅପହରଣ ଅଭିଯୋଗରେ ତମାଣ୍ଡୋ ପୋଲିସ ୫ଜଣଙ୍କୁ ଓ ୨୧ଲକ୍ଷ ଠକେଇ କରି ଅପହୃତ ହୋଇଥିବା ଶଳା ଓ ଭିଣୋଇଙ୍କୁ ଚନ୍ଦ୍ରଶେଖରପୁର ପୋଲିସ ଗିରଫ କରିଛି। ୫ ଅପହରଣକାରୀ ହେଉଛନ୍ତି ପ୍ରଦ୍ୟୁମ୍ନ ନାୟକ(୩୪), ପ୍ରଦୀପ୍ତ ମନୋହର(୩୬), ସନ୍ଦୀପ ପ୍ରଧାନ(୨୭), ଦୁର୍ଗାପ୍ରସାଦ ରଥ(୨୫) ଓ ସାଗର କୁମାର ଜେନା(୩୪)। ସେହିପରି ଠକେଇ ମାମଲାରେ ଗିରଫ ଅଭିଯୁକ୍ତ ହେଲେ କଳିଙ୍ଗବିହାରରେ ରହୁଥିବା ସମରଜିତ ରାଉତ ଓ ତାଙ୍କ ଭିଣୋଇ ସୌମ୍ୟରଞ୍ଜନ ରାଉତ। ସମରଜିତ୍ ଓ ସୌମ୍ୟ ରେଲ୍‌ୱେରେ ଚାକିରି କରାଇ ଦେବାକୁ କହି ଠକେଇ ର‍୍ୟାକେଟ ଚଳାଇଥିଲେ। ପୋଲିସ ଉଭୟଙ୍କଠାରୁ ଜାଲ୍ ଅଫର ଲେଟର, ରେଲ୍‌ୱେ ଆଇଡି କାର୍ଡ ଓ ବିଭିନ୍ନ ନକଲି କାଗଜପତ୍ର ଜବତ କରିଛି। ଏହି ଠକେଇ ର‍୍ୟାକେଟ୍‌ରେ ଆଉ କାହାର ସମ୍ପୃକ୍ତି ରହିଛି ସେ ନେଇ ପୋଲିସ ଅଧିକ ତଦନ୍ତ ଚଳାଇଥିବାବେଳେ କେତେଜଣ ରେଲୱେ କର୍ମଚାରୀଙ୍କ ସମ୍ପୃକ୍ତି ଥିବା ନେଇ ସନ୍ଦେହ କରାଯାଉଛି। ସୂଚନା ଅନୁଯାୟୀ, ଶୁକ୍ରବାର ସନ୍ଧ୍ୟାରେ ତମାଣ୍ଡୋ ଥାନାଞ୍ଚଳରୁ ସମରଜିତଙ୍କୁ ଗାଡ଼ିରେ ଅପହରଣ କରି ନିଆଯାଇଥିବା ସଂକ୍ରାନ୍ତରେ ତାଙ୍କ ଭଉଣୀ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ୫ଜଣ ଯୁବକ ତାଙ୍କ ଭାଇଙ୍କୁ ଏକ ଗାଡ଼ିରେ ଅପହରଣ କରି ନେବା ସହ ଟଙ୍କା ମାଗୁଥିବା ଉଲ୍ଲେଖ କରିଥିଲେ। ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଶନିବାର ସମ୍ପୃକ୍ତ ୫ଜଣଙ୍କୁ ପୋଲିସ ଚନ୍ଦ୍ରଶେଖରପୁର ପେଟ୍ରୋଲ୍ ପମ୍ପ ନିକଟରୁ ଗିରଫ କରିଥିଲା। ଏହି ସମୟରେ ଅପହୃତ ସମରଜିତଙ୍କ ବିଷୟରେ ପୋଲିସ ପଚାରିବାରୁ ସେମାନେ ତାଙ୍କୁ ଚନ୍ଦ୍ରଶେଖରପୁର ଥାନା ପୋଲିସ ଜିମା ଦେଇଥିବା ଅଭିଯୁକ୍ତମାନେ କହିଥିଲେ। ପୋଲିସ ସେମାନଙ୍କୁ ନେଇ ଚନ୍ଦ୍ରଶେଖରପୁର ଥାନାରେ ପହଞ୍ଚିଲା। ଅଭିଯୁକ୍ତମାନେ ସମରଜିତ୍‌ଙ୍କୁ ପୋଲିସ ଜିମା ଦେଇ ତାଙ୍କ ସହ ଭିଣୋଇ ସୌମ୍ୟଙ୍କ ନାମରେ ଠକେଇ ଅଭିଯୋଗ କରିଥିଲେ। ପୋଲିସ ଉଭୟଙ୍କୁ ପଚରାଉଚରା କରିବା ପରେ ସେମାନଙ୍କ ଠକେଇ ର‍୍ୟାକେଟ ସମ୍ପର୍କରେ ଜଣାପଡିଥିଲା। ସମରଜିତ ଓ ସୌମ୍ୟରଞ୍ଜନ ନିଜକୁ ରେଲ୍‌ୱେ ଅଫିସର ପରିଚୟ ଦେବା ସହ ନକଲି ଆଇକାର୍ଡ଼ ଦେଖାଇ ଚାକିରି ଆଶାୟୀଙ୍କୁ ଫସାଉଥିଲେ। ଟ୍ରେନ୍ ଚାଳକ, ଟିଟିଇ ଓ ରେଲୱେ ବିଭାଗରେ କିରାଣି ଚାକିରି କରାଇ ଦେବାକୁ କହି ଲକ୍ଷ ଲକ୍ଷ ଟଙ୍କା ଠକି ନେଉଥିଲେ। ପ୍ରଥମେ ସମରଜିତ କାଉନସେଲିଂ କରିବା ପରେ ଭିଣୋଇ ସୌମ୍ୟରଞ୍ଜନ ଏଚ୍‌ଆର୍ ସାଜି ରେଲୱେ ଲୋଗୋ ଲଗାଇ ନକଲି ଅଫର ଲେଟର ଦେଉଥିଲେ। ଏଭଳି ଭାବେ ପ୍ରଦ୍ୟୁମ୍ନ, ପ୍ରଦୀପ୍ତ, ସନ୍ଦୀପ, ଦୁର୍ଗାପ୍ରସାଦ ଓ ସାଗରଙ୍କଠାରୁ ୨୧ଲକ୍ଷ ଠକିନେଇ ଆଉ ଧରାଛୁଆଁ ଦେଉ ନ ଥିଲେ। ଶେଷରେ ଟଙ୍କା ଫେରିପାଇବାକୁ ସେମାନେ ସମରଜିତଙ୍କୁ ଅପହରଣ କରିନେଇଥିଲେ ବୋଲି ପୋଲିସ କହିଛି।

## ସଂକ୍ଷେପରେ

### ବାହୁଡ଼ାଯାତ୍ରା ପାଇଁ ପୁରୀରେ ୧୪୪ ଧାରା

ପୁରୀ ଅଫିସ,୧୭।୭: ବାହୁଡ଼ା ଯାତ୍ରା ପାଇଁ ଏସ୍‌ଓପିକୁ କଡ଼ାକଡ଼ି ପାଳନ କରାଯିବ। ଆସନ୍ତା ୧୯ ତାରିଖ ରାତି ୮ରୁ ୨୧ ତାରିଖ ରାତି ୮ଟା ପର୍ଯ୍ୟନ୍ତ ପୁରୀ ସହରରେ ୧୪୪ ଧାରା ଜାରି ହେବ। ଏହି ସମୟ ମଧରେ ବଡ଼ଦାଣ୍ଡ, ବଡ଼ଦାଣ୍ଡରେ ଥିବା ସମସ୍ତ ହୋଟେଲ୍, ଲଜ୍, ଧର୍ମଶାଳା, ଗେଷ୍ଟହାଉସ୍ ବନ୍ଦ ରହିବ। ଲଜ୍, ଧର୍ମଶାଳା ପ୍ରଭୃତି ୧୮ ତାରିଖ ସୁଦ୍ଧା ବନ୍ଦ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। କର୍ଫ୍ୟୁ ସମୟରେ ବିନା କାରଣରେ ତାଲିକାଭୁକ୍ତ ହୋଇ ନ ଥିବା ଲୋକେ କାହାରି ଘରେ ରହୁଥିବା ଜଣାପଡ଼ିଲେ ପୋଲିସ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ନିଆଯିବ। ଏହି ସମୟରେ ବଡ଼ଦାଣ୍ଡ ଥିବା ସମସ୍ତ ଦୋକାନ ବଜାର, ଔଷଧ ଦୋକାନ, ବାଣିଜ୍ୟିକ ପ୍ରତିଷ୍ଠାନ ଓ କାର୍ଯ୍ୟାଳୟ ବନ୍ଦ ରହିବ। କୌଣସି ଯାତ୍ରୀବାହୀ ବସ୍ କିମ୍ବା ଟ୍ରେନ୍ ଜିଲା ମଧକୁ ପ୍ରବେଶ କରିପାରିବ ନାହିଁ। କେବଳ ସ୍ୱୀକୃତିପ୍ରାପ୍ତ ଓ ଅତ୍ୟାବଶ୍ୟକ ସାମଗ୍ରୀ ପରିବହନ ଗାଡ଼ି ଚଳାଚଳ କରିବ। ବଡ଼ଦାଣ୍ଡକୁ ଛାଡ଼ି ସବୁଠି ଔଷଧ, ଡାକ୍ତରୀ ଉପକରଣ ଓ ଚଷମା ଦୋକାନ ଖୋଲା ରହିବ। ହୋଟେଲ୍ ଓ ରେଷ୍ଟୁରାଣ୍ଟ ଦ୍ୱାରା ହୋମ୍ ଡେଲିଭରି ହେବ। ଜିଲା ମଧକୁ ଥିବା ୮ଟି ପ୍ରବେଶ ଦ୍ୱାରକୁ ସିଲ୍ କରାଯିବ। କେବଳ ବିଦ୍ୟୁତ୍, ଜଳ ଯୋଗାଣ, ଟେଲିକମ୍, ପୋଲିସ ଓ ସୁରକ୍ଷା ପ୍ରଦାନ ସଂକ୍ରାନ୍ତ ସରକାରୀ କାର୍ଯ୍ୟାଳୟ ଖୋଲା ରହିବ। ଶନିବାର ଜିଲାପାଳ ସମର୍ଥ ବର୍ମାଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ଏସବୁ ନିଷ୍ପତ୍ତି ନିଆଯାଇଛି।

### ବ୍ରାଉନସୁଗାର ଜବତ, ଯୁବକ ଗିରଫ

ଭୁବନେଶ୍ୱର,୧୭।୭(ବ୍ୟୁରୋ): ବ୍ରାଉନସୁଗାର ବିକ୍ରି କରୁଥିବା ଜଣେ ଯୁବକଙ୍କୁ ସ୍ପେଶାଲ୍ ସ୍କ୍ୱାଡ୍ ଓ ଖାରବେଳ ନଗର ଥାନା ପୋଲିସର ମିଳିତ ଟିମ୍ ଗିରଫ କରିଛି। ସେ ହେଲେ ମାଳିସାହି ମସଜିଦ୍ କଲୋନୀର ଶେଖ୍ ସୁଲତାନ୍। ପୋଲିସ ତାଙ୍କ ନିକଟରୁ ୧୦ଗ୍ରାମ୍ ବ୍ରାଉନସୁଗାର ସମେତ ନଗଦ ୫ ହଜାର ଟଙ୍କା ଜବତ କରିଛି। ଶନିବାର ସକାଳେ ଅଭିଯୁକ୍ତ ବିଗ୍ ବଜାର ପଛପଟେ ଛିଡା ହୋଇ କେତେଜଣ କଲେଜ ଛାତ୍ରଙ୍କୁ ବ୍ରାଉନସୁଗାର ବିକ୍ରି କରୁଥିବା ନେଇ ସ୍ପେଶାଲ୍ ସ୍କ୍ୱାଡ୍ ସୂଚନା ପାଇଥିଲା। ଏହାପରେ ସ୍ପେଶାଲ ସ୍କ୍ୱାଡ୍ ଓ ଖାରବେଳ ନଗର ଥାନା ଏସ୍‌ଆଇ ଜେ.ଏସ୍.ସାମଲ ଟିମ୍ ସହ ଘଟଣାସ୍ଥଳରେ ଚଢ଼ାଉ କରି କାବୁ କରିଥିଲା। ତେବେ ସୁଲତାନଙ୍କୁ ବ୍ରାଉନସୁଗାର କାରବାର ନେଇ ପୂର୍ବରୁ ଥରେ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଜେଲ୍‌ରୁ ବାହାରିବା ପରେ ସେ ପୁଣି ଏହି କାରବାର ଆରମ୍ଭ କରିଥିଲା।

### ଲକ୍ଷାଧିକ ଟଙ୍କା ଠକି କୋରିୟର ବଏ ଗିରଫ

ଭୁବନେଶ୍ୱର,୧୭।୭(ବ୍ୟୁରୋ): କୋରିୟର ସଂସ୍ଥାର ଲକ୍ଷାଧିକ ଟଙ୍କା ନେଇ ଫେରାର ହୋଇଯାଇଥିବା ଅଭିଯୋଗରେ ଖାରବେଳନଗର ଥାନା ପୋଲିସ ଶନିବାର ଉକ୍ତ ସଂସ୍ଥାର ଜଣେ କୋରିଅର ବଏଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ, ଗଙ୍ଗନଗର ଆଖଣ୍ଡଳମଣି ବସ୍ତିର ବିକି ସେଠୀ(୨୭)। ପୋଲିସ ତାଙ୍କ ନିକଟରୁ ୧୬ହଜାର ଟଙ୍କା ମୂଲ୍ୟର କୋରିୟର ଜିନିଷ ଜବତ କରିଛି। ଗତ ୨ତାରିଖରେ ବିକି ଇନ୍‌ଷ୍ଟାକାର୍ଟ କୋରିୟର ସଂସ୍ଥାରୁ ଲକ୍ଷେ ୪ହଜାର ଟଙ୍କାର ଜିନିଷ ପାର୍ସଲ ନେଇ ଲୋକଙ୍କୁ ଦେବାକୁ ଯାଇଥିଲେ। ଲୋକଙ୍କୁ ସେମାନଙ୍କ ପାର୍ସଲ ଦେଇ ସେ ଟଙ୍କା ଆଣିଥିଲେ। ହେଲେ ସେ ଟଙ୍କା ଅଫିସରେ ନ ଦେଇ ଫେରାର ହୋଇଯାଇଥିଲେ। ଏ ନେଇ ସଂସ୍ଥା ପକ୍ଷରୁ ଥାନାରେ ଅଭିଯୋଗ ହେବା ପରେ ପୋଲିସ ତଦନ୍ତ କରି ବିକିଙ୍କୁ ଗିରଫ କରିଛି।

## କାଞ୍ଜିଆ ହ୍ରଦରେ ବୁଡ଼ି ଯୁବକଙ୍କ ମୃତ୍ୟୁ

ବାରଙ୍ଗ,୧୭।୭(ଡି.ଏନ୍.ଏ.)

ନନ୍ଦନକାନନ ସଂଲଗ୍ନ କାଞ୍ଜିଆ ହ୍ରଦରେ ବୁଡ଼ି ଶନିବାର ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ରଘୁନାଥପୁର ଗ୍ରାମର ବିବେକାନନ୍ଦ ରାଉତ। ବିବେକାନନ୍ଦ ରାଜ୍ୟ ଉଦ୍ଭିଦ ଉଦ୍ୟାନରେ ଅସ୍ଥାୟୀ କର୍ମଚାରୀ ଭାବେ କାର୍ଯ୍ୟ କରୁଥିଲେ। ସବୁଦିନ ଭଳି ଶନିବାର ସକାଳେ ବିବେକାନନ୍ଦ ବଟାନିକାଲ ଗାର୍ଡେନକୁ କାମ କରିବାକୁ ଯାଇଥିଲେ। ସେଠାରେ ଥିବା କାଞ୍ଜିଆ ହ୍ରଦରେ ଗାଧୋଉଥିବାବେଳେ ଅସାବଧାନତା ଯୋଗୁ ତାଙ୍କ ଗୋଡ ହ୍ରଦ ଭିତରକୁ ଖସିଯିବାରୁ ବୁଡିଯାଇଥିଲେ। ଖବରପାଇ ପରିବାରଲୋକେ ପହଞ୍ଚି ବହୁ ଖୋଜାଖୋଜି କରିବାସହ ନନ୍ଦନକାନନ ଥାନାକୁ ଜଣାଇଥିଲେ। ପରେ ପୋଲିସ ଏବଂ ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ବିବେକାନନ୍ଦଙ୍କୁ ହ୍ରଦଭିତରୁ ଉଦ୍ଧାର କରି ସ୍ଥାନୀୟ ହସ୍ପିଟାଲ ପଠାଇଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ପୋଲିସ ଏକ ମାମଲା ରୁଜୁ କରି ମୃତଦେହକୁ ବ୍ୟବଚ୍ଛେଦ ପାଇଁ କ୍ୟାପିଟାଲ ହସ୍ପିଟାଲ ପଠାଇଥିଲା। ବ୍ୟବଚ୍ଛେଦ ହୋଇ ମୃତଦେହ ଗ୍ରାମକୁ ଆସିବାପରେ ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା।

## ଭୋକ ପାଇଁ କଟକଣା ଭୁଲିଗଲେ




କ୍ୟାପିଟାଲ ହସ୍ପିଟାଲ ଆହାର କେନ୍ଦ୍ରରେ ଖାଦ୍ୟ ପାଇଁ ଅପେକ୍ଷାରତ ଲୋକଙ୍କ ଭିଡ଼।

## ଘରେ ପଶି ମହିଳାଙ୍କୁ ଅସଦାଚରଣ, ୩ ଗିରଫ

ଭୁବନେଶ୍ୱର,୧୭।୭(ବ୍ୟୁରୋ)



ଗିରଫ ୩ ଅଭିଯୁକ୍ତ, ଜବତ କଟୁରି।

ଜଣେ ମହିଳାଙ୍କ ଘରେ ପଶି ଅସଦାଚରଣ ଓ ତାଙ୍କ ପୁଅଙ୍କୁ ଆକ୍ରମଣ କରିବା ଅଭିଯୋଗରେ ନୟାପଲ୍ଲୀ ଥାନା ପୋଲିସ ଶନିବାର ୩ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ସାଲିଆସାହି ତାରିଣୀନଗର ବସ୍ତିରେ ରହୁଥିବା କନ୍ଧମାଳ ଜିଲା ଜି.ଉଦୟଗିରିର ଦୀପକ ନାୟକ ଓରଫ୍ ବାପୁନି, ବୋଲଗଡ ଥାନା ଇଚ୍ଛାପୁରର ଶାହାନୱାଜ୍ ମଲିକ୍ ଓରଫ୍ ମୁଫି ଓ ସାଲିଆସାହିରେ ରହୁଥିବା ଟାଙ୍ଗି ଥାନା ଅଞ୍ଚଳର କାଲୁଚରଣ ନାୟକ ଓରଫ୍ ମୁନା। ସେମାନଙ୍କଠାରୁ ପୋଲିସ ଏକ କଟୁରୀ ଜବତ କରିଛି। ସୂଚନା ଅନୁଯାୟୀ, ସାଲିଆସାହି ତାରିଣୀ ନଗରରେ ଗଞ୍ଜାମ ଜିଲା ବୁଗୁଡା ଅଞ୍ଚଳର ଜଣେ ମହିଳା ଓ ତାଙ୍କ ପୁଅ ରହୁଛନ୍ତି। ଗତ ୩ ତାରିଖ ଅପରାହ୍ନରେ ଉଭୟ ମା' ପୁଅ ଘରେ ଥିବା ବେଳେ ଅଭିଯୁକ୍ତମାନେ ସହଯୋଗୀ ସମୀର ନାୟକ, ରାକେଶ ନାୟକ ଓ ଡିନାଙ୍କ ସହ ମାରଣାସ୍ତ୍ର ଧରି ଘର ପଶିଥିଲେ। ମା' ପୁଅ ବିରୋଧ କରିବାରୁ ସେମାନଙ୍କୁ ଗାଳିଗୁଲଜ କରିବା ସହ ମହିଳାଙ୍କ ସହ ଅସଦାଚରଣ କରିଥିଲେ। ତାଙ୍କ ପୁଅ ବିରୋଧ କରିବାରୁ ସେମାନେ କଟୁରୀ ମା' ପୁଅଙ୍କୁ ଆକ୍ରମଣ କରିଥିଲେ। ଏ ନେଇ ପୁଅ ଥାନାରେ ଅଭିଯୋଗ କରିବା ପରେ ପୋଲିସ ତଦନ୍ତ କରି ୩ଜଣଙ୍କୁ ଧରିଥିବା ବେଳେ ଅନ୍ୟମାନେ ଫେରାର ଅଛନ୍ତି।

## ଭୁବନେଶ୍ୱରରେ ଦିନକରେ ଗଲା ୨୨ ଜୀବନ

### ୧୮ ଦିନରେ ୧୬୧ ମୃତ

ଭୁବନେଶ୍ୱର, ୧୭।୭ (ବ୍ୟୁରୋ)

ରାଜଧାନୀରେ କରୋନା ସଂକ୍ରମଣ ଗ୍ରାଫ୍ ପୁଣି ଉପରମୁହାଁ ହେବାକୁ ଲାଗିଛି। ତା'ଠାରୁ ବେଶି ଚିନ୍ତା ବଢ଼ାଉଛି ଦୈନିକ ମୃତ୍ୟୁ ସଂଖ୍ୟା। ଆରମ୍ଭରୁ ଦୈନିକ ମୃତ୍ୟୁ ସଂଖ୍ୟା ୨ରୁ ୩ ମଧରେ ରହୁଥିଲା। ଏହାପରେ ୫ରୁ ୬ଜଣ ଓ ପରେ ଗତ ୧୧ତାରିଖରେ ଏହି ସଂଖ୍ୟା ୮ରେ ପହଞ୍ଚିଥିଲା। ଗତ ୧ସପ୍ତାହ ଧରି ମୃତ୍ୟୁ ସଂଖ୍ୟା ଲଗାତାର ଭାବେ ବଢିଚାଲିଥିବାବେଳେ ଏବେ ଦୈନିକ ମୃତ୍ୟୁ ୨୦ ଉପରେ ରହୁଛି। ଗତ ମେ' ରେ ସଂକ୍ରମଣ ଶୀର୍ଷରେ ପହଞ୍ଚିଥିବାବେଳେ ମୃତ୍ୟୁ ସଂଖ୍ୟା ୨ରୁ ୩ ମଧରେ ରହୁଥିଲା। କିନ୍ତୁ ଏବେ ସଂକ୍ରମଣ କମୁଥିବାବେଳେ ମୃତ୍ୟୁ ସଂଖ୍ୟା ହଠାତ୍ ବଢ଼ିବା ଚିନ୍ତା ବଢ଼ାଇଛି। କେବଳ ଜୁଲାଇରେ (୧୭ ତାରିଖ ସୁଦ୍ଧା) ୧୬୧ ଜଣଙ୍କ ମୃତ୍ୟୁ ହୋଇଛି। ଅପରପକ୍ଷେ ପୁରୁଣା ହିସାବ ଯୋଡା ଯିବାରୁ ମୃତ୍ୟୁ ସଂଖ୍ୟା ବୃଦ୍ଧି ପାଉଥିବା ବିଏମ୍‌ସି ଅଧିକାରୀ କହଛନ୍ତି। ଗତ ୨୪ ଘଣ୍ଟାରେ ସହରରୁ ପୁଣି ୨୨ଜଣ ସଂକ୍ରମିତଙ୍କ ମୃତ୍ୟୁ ହୋଇଛି। ଫଳରେ ଏହି ସଂଖ୍ୟା ୬୧୬ରେ ପହଞ୍ଚିଛି। ସେହିପରି ୩୭୨ଜଣ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୮୭ଜଣ କ୍ୱାରାଣ୍ଟାଇନ୍‌ରୁ ହୋଇଥିବାବେଳେ ୨୮୫ଜଣ ସ୍ଥାନୀୟ ସଂକ୍ରମିତ ରହିଛନ୍ତି। ସେହିପରି ଗୋଟିଏ ଦିନରେ ୨୨୬ଜଣ ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି। ମୋଟ ସଂକ୍ରମିତଙ୍କ ସଂଖ୍ୟା ୯୫,୫୬୬ ଥିବାବେଳେ ସେଥିମଧ୍ୟରୁ ୯୩,୫୫୮ଜଣ ସୁସ୍ଥ ହୋଇ ସାରିଛନ୍ତି। ଏବେ ୧୩୭୧ଜଣ ସକ୍ରିୟ ଆକ୍ରାନ୍ତଙ୍କ ଚିକିତ୍ସା ଜାରି ରହିଥିବା ସୂଚନା ମିଳିଛି।

### ନୀଳାଦ୍ରି ନିଳୟ ଆପାର୍ଟମେଣ୍ଟ କଣ୍ଟେନ୍‌ମେଣ୍ଟ

ୱାର୍ଡ ନଂ. ୨୫ ନୟାପଲ୍ଲୀ ଆଇଆର୍‌ସି ଭିଲେଜ୍ ଅନ୍ତର୍ଗତ ନୀଳାଦ୍ରୀନିଳୟ ଆପାର୍ଟମେଣ୍ଟରେ ଏକାଧିକ ସଂକ୍ରମିତ ଚିହ୍ନଟ ହୋଇଥିବାରୁ ବିଏମ୍‌ସି ପକ୍ଷରୁ ଶନିବାର ଏହାକୁ କଣ୍ଟେନମେଣ୍ଟ ଜୋନ୍ ଘୋଷଣା କରାଯାଇଛି। ସମ୍ପୃକ୍ତ ଅଞ୍ଚଳରେ ରହୁଥିବା ଲୋକଙ୍କ ପାଇଁ ବିଏମ୍‌ସି ପକ୍ଷରୁ କଟକଣା ଜାରି ହେବା ସହ ଲୋକଙ୍କର ପ୍ରବେଶ ଓ ପ୍ରସ୍ଥାନ ଉପରେ ରୋକ୍ ଲଗାଯାଇଛି। ସେଠାରେ ଥିବା ସମସ୍ତ ସରକାରୀ ତଥା ବେସରକାରୀ ଅଫିସ୍ ଓ ଦୋକାନ ବଜାର ବନ୍ଦ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ଅଞ୍ଚଳବାସୀଙ୍କୁ ସମସ୍ତ ଆବଶ୍ୟକୀୟ ସାମଗ୍ରୀ ବିଏମ୍‌ସି ପକ୍ଷରୁ ଯୋଗାଇ ଦିଆଯିବ ବୋଲି ସୂଚନା ଦିଆଯାଇଛି। ରାଜ୍ୟରେ ସଂକ୍ରମଣ କମୁଥିବାବେଳେ ଭୁବନେଶ୍ୱର ସ୍ଥିତିରେ ସୁଧାର ଆସୁନି। ଫଳରେ କିଛିଦିନ ହେବ ବିଏମ୍‌ସି ପକ୍ଷରୁ ଏଭଳି ପଦକ୍ଷେପ ନିଆଯାଉଛି।

## ଜିପ୍ ତେଲ ନେଇ ୨ ଥାନା କର୍ମଚାରୀ ହାତାହାତି

ଗୋପ,୧୭।୭(ଡି.ଏନ୍.ଏ.)

ଗୋପ ଥାନାରେ ଶୁକ୍ରବାର ବିଳମ୍ବିତ ରାତିରେ ୨ କର୍ମଚାରୀ ମଧରେ ହାତାହାତି ହୋଇଥିବା ଦେଖିବାକୁ ମିଳିଛି। ଶୁକ୍ରବାର ରାତିରେ ପୋଲିସ ଜିପ ତେଲ କଳାବଜାର ହେବା ଟଙ୍କାକୁ ନେଇ ଥାନାରେ ଥିବା ୨ କର୍ମଚାରୀଙ୍କ ମଧରେ ପାଟିତୁଣ୍ଡ ହୋଇଥିଲା। ପରେ ଉଭୟ କର୍ମଚାରୀ ଉତ୍ତ୍ୟକ୍ତ ହୋଇ ଥାନା ମଧରେ ମାରପିଟ ପର୍ଯ୍ୟନ୍ତ କଥା ଯାଇଥିଲା। ଏପରି ଘଟଣା ଘଟିବା ପରେ ଥାନା ନିକଟରେ ତ୍ରିନାଥ ମନ୍ଦିରରେ ମେଳା ହେଉଥିବାରୁ ପାଟି ଶୁଣି ଲୋକମାନେ ରୁଣ୍ଡ ହୋଇଥିଲେ। ଅନ୍ୟ କର୍ମଚାରୀମାନେ ସେମାନଙ୍କୁ ଅଟକାଇ ବୁଝାଶୁଝା କରିବାରୁ ଶାନ୍ତ ହୋଇଥିଲେ। ଶନିବାର ଏ ସମ୍ପର୍କରେ ଜଣେ କର୍ମଚାରୀ ଦାୟିତ୍ୱରେ ଥିବା ଅଧିକାରୀଙ୍କୁ କହିବାରୁ ଉଭୟଙ୍କ ଡକାଇ ବୁଝାଇଥିଲେ।

## ହ୍ୱାଟ୍ସଆପ୍ ଲଟେରି ନାଁରେ ସାଇବର ଠକେଇ

### ସତର୍କ କଲା କମିଶନରେଟ ପୋଲିସ

ଭୁବନେଶ୍ୱର,୧୭।୭(ବ୍ୟୁରୋ)

କ୍ରେଡିଟ୍, ଡେବିଟ୍ କାର୍ଡ, ୟୁପିଆଇ ଭେରିଫିକେଶନ, ଲୋନ୍, ପୁରସ୍କାର, ହନିଟ୍ରାପ୍ ଆଦି ବାହାନାରେ ସାଇବର ଠକେଇ ହେଉଛି। ଏବେ ପୂର୍ବଭଳି ପୁଣିଥରେ ହ୍ୱାଟସ୍‌ଆପ ଲଟେରି ଓ ସିମ୍‌କାର୍ଡ ଭେରିଫିକେଶନ ନାଁରେ ସାଇବର ଠକମାନେ ଲୋକଙ୍କୁ ଫସାଇ ଲୁଟୁଛନ୍ତି। ସାଧାରଣ ଲୋକେ ଠକଙ୍କ ଅସଲ ଯୋଜନା ବୁଝି ନ ପାରି ସେମାନଙ୍କ ଜାଲରେ ପଡୁଛନ୍ତି। ତେଣୁ ଏଭଳି ଠକେଇରୁ ବର୍ତ୍ତିବା ପାଇଁ କମିଶନରେଟ ପୋଲିସ ପକ୍ଷରୁ ଜନସାଧାରଣଙ୍କୁ ପୁଣି ସତର୍କ କରାଯାଇଛି। ଏନେଇ ଭୁବନେଶ୍ୱର ଡିସିପି ଉମାଶଙ୍କର ଦାଶ ଟୁଇଟ୍ କରି କହିଛନ୍ତି, କିଛିଦିନ ହେବ ହ୍ୱାଟ୍‌ସଆପ୍ ପକ୍ଷରୁ ୨୫ଲକ୍ଷ ଟଙ୍କା ଲଟେରି ଜିତିଥିବା ନେଇ ଲୋକଙ୍କ ପାଖକୁ ଫୋନ୍ କଲ ଆସୁଛି। ଫୋନ୍ କଲର ଏକ ଅଡ଼ିଓ ରେକର୍ଡିଂ ମଧ ସେ ଟୁଇଟରେ ପୋଷ୍ଟ କରିଛନ୍ତି। ଏହି ଅଡିଓରେ ଜଣେ ବ୍ୟକ୍ତି ଫୋନ କରି ହ୍ୱାଟ୍‌ସଆପ୍ ମୁଖ୍ୟ କାର୍ଯ୍ୟାଳୟ ନୂଆଦିଲ୍ଲୀରୁ କଲ୍ କରିଥିବା କହୁଛନ୍ତି। ଭାରତ ସମେତ ୫ ଦେଶର ଲକି ଡ୍ର ନମ୍ବରରେ ଆପଣ ସିଲେକ୍ଟ ହୋଇଥିବାବେଳେ ୨୫ଲକ୍ଷ ଟଙ୍କା ପାଇବେ ବୋଲି ମୁମ୍ବାଇ ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆର ଜଣେ କର୍ମଚାରୀଙ୍କୁ ନମ୍ବର ଦେଇଥିବା କହୁଛନ୍ତି। ଉକ୍ତ ନମ୍ବରକୁ ହ୍ୱାଟ୍ସଆପ୍‌ରେ କଲ୍ କରି ଟଙ୍କା କିପରି ପାଇପାରିବେ ସେ ସମ୍ପର୍କରେ ଅଧିକ ସୂଚନା ସଂଗ୍ରହ କରନ୍ତୁ ବୋଲି କଲ୍ କରିଥିବା ଠକ ଜଣକ କହୁଛନ୍ତି। ତେବେ ଏହା ହେଉଛି ଠକେଇର ଏକ ଯୋଜନା। ତାଙ୍କୁ ଠକ ଦେଉଥିବା ନମ୍ବରରେ କଲ୍ କଲେ ବିଭିନ୍ନ ଆଳରେ ବ୍ୟାଙ୍କ ତଥ୍ୟ ଆଦାୟ କରି ଆକାଉଣ୍ଟରୁ ସମସ୍ତ ଟଙ୍କା କାଟିନେବେ। ସେହିପରି ସିମ୍ କାର୍ଡ ଭେରିଫିକେସନ୍ ନାଁରେ ଏକ ମେସେଜ୍ ଆସୁଛି। ମୋବାଇଲ୍ ନଂ.୬୨୯୫୨୦୩୩୨୯ରେ ୨୪ ଘଣ୍ଟା ମଧରେ ଯୋଗାଯୋଗ କରିବାକୁ କୁହାଯାଉଛି। ତେଣୁ ଏଭଳି କଲ୍ ଓ ମେସେଜଠାରୁ ନିଜକୁ ଦୂରେଇ ରଖନ୍ତୁ ବୋଲି ଡିସିପି ପରାମର୍ଶ ଦେଇଛନ୍ତି।



ଭୁବନେଶ୍ୱର ରାଜମହଲ ଛକରେ ଶନିବାର ଶଟ୍‌ଡାଉନ ଯାଞ୍ଚ ଚାଲିଛି।

## ଅଙ୍ଗନୱାଡି ସାମଗ୍ରୀ କିଣାରେ ୮୩ଲକ୍ଷର ଅନିୟମିତତା

### ଜିଲାପାଳଙ୍କୁ ଅଭିଯୋଗ କଲେ ବିଧାୟକ

ଖୋର୍ଦ୍ଧା ଅଫିସ,୧୭।୭

ଅଙ୍ଗନୱାଡ଼ି କେନ୍ଦ୍ରରେ ଚେୟାର, ଟେବୁଲ ଏବଂ ୱାଟର ଫିଲ୍ଟର ବାବଦକୁ ରାଜ୍ୟ ମହିଳା ଓ ଶିଶୁ କଲ୍ୟାଣ ବିଭାଗ ପକ୍ଷରୁ ଖୋର୍ଦ୍ଧା ଜିଲାକୁ ୮୩ଲକ୍ଷ ୪୭ହଜାର ଟଙ୍କା ଅନୁଦାନ ମିଳିଛି। ଗାଇଡ୍‌ଲାଇନ ଉଲ୍ଲଂଘନ କରାଯାଇ ବିନା ଟେଣ୍ଡରରେ ସାମଗ୍ରୀ କିଣାଯାଇଛି। ଏସବୁ ଅଙ୍ଗନୱାଡି କେନ୍ଦ୍ରରେ ପହଞ୍ଚି ନ ଥିବାବେଳେ ସମ୍ପୂର୍ଣ୍ଣ ଅର୍ଥ ଜିଲା ମଙ୍ଗଳ ଅଧିକାରୀଙ୍କ କାର୍ଯ୍ୟାଳୟ(ଡିଏସ୍‌ଡବ୍ଲ୍ୟୁ) ପକ୍ଷରୁ ୩ଟି ସଂସ୍ଥାକୁ ଦିଆଯାଇଛି। ଏଭଳି ଅନିୟମିତତା ନେଇ ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ ଜିଲାପାଳ, ରାଜ୍ୟ ମହିଳା ଓ ଶିଶୁ କଲ୍ୟାଣ ଶାସନ ସଚିବ ଏବଂ ମିଶନ ଶକ୍ତି ନିର୍ଦ୍ଦେଶକଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଅଭିଯୋଗ ମୁତାବକ, ମହିଳା ଓ ଶିଶୁ କଲ୍ୟାଣ ବିଭାଗ ନିର୍ଦ୍ଦେଶନାମା ଅନୁସାରେ ଏସବୁ ସାମଗ୍ରୀ କେବଳ ଜିଲା କ୍ରୟ କମିଟି ଇ-ପୋର୍ଟାଲରେ ଗ୍ଲୋବାଲ ଟେଣ୍ଡର କରିବାର ନିୟମ ରହିଛି। ଏହାକୁ ଖୋଲାଖୋଲି ଉଲ୍ଲଂଘନ କରାଯାଇଛି। ଜିଲା ମଙ୍ଗଳ ଅଧିକାରୀ ଗ୍ଲୋବାଲ ଟେଣ୍ଡର ପରିବର୍ତ୍ତେ ୩ଟି ସଂସ୍ଥା ବାରିପଦାର କ୍ୱାଲିଟି ସପ୍ଲାୟର, ଖୋର୍ଦ୍ଧାର ସମ୍ରାଟ ଆସୋସିଏଟ ଏବଂ ଅର୍ପିତା ଏଣ୍ଟରପ୍ରାଇଜର୍ସଙ୍କୁ ସାମଗ୍ରୀ କିଣିବାକୁ ଅନୁମତି ଦେଇଛନ୍ତି। ସମ୍ପୃକ୍ତ ସଂସ୍ଥା ୧୪ଟି ସିଡିପିଓ ଅଫିସକୁ ଯୋଗାଇଛନ୍ତି। ଟାଙ୍ଗୀ ସିଡିପିଓ ଅଫିସକୁ ୨୫୩ ଅଙ୍ଗନୱାଡି କେନ୍ଦ୍ରରୁ ୪, ବୋଲଗଡ ସିଡିପିଓଙ୍କୁ ୨୨୮ଟି କେନ୍ଦ୍ରରୁ ୮୦ଟି କେନ୍ଦ୍ରକୁ ସାମଗ୍ରୀ ଦିଆଯାଇଛି। ସିଡିପିଓ ବିଏମସି-୨ର ୧୦୨ଟି କେନ୍ଦ୍ରରୁ ୨୦ଟି କେନ୍ଦ୍ରକୁ ସାମଗ୍ରୀ ଦେଇଛନ୍ତି। କେବଳ ୨୦ପ୍ରତିଶତ କେନ୍ଦ୍ରକୁ ସାମଗ୍ରୀ ଦେଇଥିବା ବେଳେ ଉକ୍ତ ସଂସ୍ଥାଗୁଡିକୁ ପ୍ରାୟ ୮୩.୪୭ଲକ୍ଷ ଟଙ୍କା ସମ୍ପୂର୍ଣ୍ଣ ପଇଠ କରାଯାଇଛି। ତେବେ ସମ୍ପୂର୍ଣ୍ଣ ସାମଗ୍ରୀ ଯୋଗାଣ କରି ନ ଥିବା ବେଳେ କିପରି ଏହି ଟଙ୍କା ପଇଠ କରାଯାଇଛି। ଏହି ଘଟଣାର ତଦନ୍ତ କରାଯାଇ ସମ୍ପୃକ୍ତ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ସମ୍ପୃକ୍ତ ସଂସ୍ଥାକୁ କଳା ତାଲିକାଭୁକ୍ତ ଲାଗି ରାଉତରାୟ ଦାବି କରିଛନ୍ତି। ଜିଲା ମଙ୍ଗଳ ଅଧିକାରୀଙ୍କ କାର୍ଯ୍ୟାଳୟ ଦୁର୍ନୀତିରେ ବୁଡି ରହିଛି ବୋଲି ବିଧାୟକ ରାଉତରାୟ କହିଛନ୍ତି। ଜିଲାପାଳ ସନତ ମହାନ୍ତି କହିଛନ୍ତି, ଘଟଣାର ତଦନ୍ତ ନିର୍ଦ୍ଦେଶ ଦିଆଯାଇଛି। ପ୍ରମାଣ ମିଳିଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଅନ୍ୟପଟେ ଏ ସମ୍ପର୍କରେ ଡିଏସ୍‌ଡବ୍ଲ୍ୟୁ ଅଧିକାରୀଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।

## ସଂକ୍ଷେପରେ

### ନାବାଳିକା ଅପହରଣ ଅଭିଯୋଗ: ଯୁବକ ଗିରଫ

**କଟକ ସଦର,୧୭।୭(ଡି.ଏନ.ଏ.):** କିଶନନଗର ଥାନା ଅଞ୍ଚଳର ନାବାଳିକାଙ୍କୁ ଅପହରଣ କରିବା ଅଭିଯୋଗରେ ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି ଶନିବାର କୋର୍ଟଚାଲାଣ କରିଛି। ସେ ହେଲେ ଏହି ଥାନା ଅଧୀନ ଧରିଣା ଗ୍ରାମର ଶକ୍ତି ପ୍ରସାଦ ଭୋଇ। ପୋଲିସ ସୂଚନା ଅନୁଯାୟୀ, ଜୁନ୍ ୨ରେ ଯୁବକ ଜଣକ ନାବାଳିକାଙ୍କୁ ଅପହରଣ କରି ନେଇଥିଲେ। ଏ ନେଇ ନାବାଳିକାଙ୍କ ପରିବାର ଲୋକେ ଅଭିଯୋଗ କରିବା ପରେ ପୋଲିସ ମାମଲା(ନଂ.୮୨/୨୧) ରୁଜୁ କରିଥିଲା। ମୋବାଇଲ ଫୋନ୍ ଟ୍ରାକ୍ କରି ଥାନାଧିକାରୀ ସସ୍ମିତା ରଣା ୭ ଦିନ ତଳେ ନାବାଳିକାଙ୍କୁ ଉଦ୍ଧାର କରିଥିଲେ। କୋର୍ଟ ନିର୍ଦ୍ଦେଶ ମୁତାବକ ତାଙ୍କୁ ବସୁନ୍ଧରାରେ ରଖାଯାଇଥିଲା। ଅଭିଯୁକ୍ତଙ୍କୁ ପୋଲିସ ଶୁକ୍ରବାର ଗିରଫ କରିଥିଲା। ପରେ ଉଭୟଙ୍କର ଡାକ୍ତରୀମାଇନା କରାଯାଇଥିଲା। ମାଜିଷ୍ଟ୍ରେଟ୍‌ଙ୍କ ନିକଟରେ ୧୬୪ ଧାରାରେ ନାବାଳିକାଙ୍କ ବୟାନ ରେକର୍ଡ କରାଯିବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା।

### ଅଗ୍ନିକାଣ୍ଡରେ ୧ ଗାଈ ମୃତ, ୨ ଗୁରୁତର

**କଣ୍ଟାପଡା,୧୭।୭(ଡି.ଏନ୍.ଏ.):** ଗୋବିନ୍ଦପୁର ଥାନା ଅନ୍ତର୍ଗତ ଶଙ୍ଖୁଆ ଗ୍ରାମର ଅକ୍ଷୟ ସ୍ୱାଇଁଙ୍କ ଗୁହାଳରେ ଶୁକ୍ରବାର ରାତିରେ ଅଗ୍ନିକାଣ୍ଡ ଘଟି ଗୋଟିଏ ଗାଈର ମୃତ୍ୟୁ ଘଟିଥିବାବେଳେ ଦୁଇଟି ଗୁରୁତର ହୋଇଛନ୍ତି। କଣ୍ଟାପଡା ପ୍ରାଣୀଚିକିତ୍ସକ ଜେ. ଏନ୍. ମହାରଣା ଘଟଣାସ୍ଥଳରେ ପହଞ୍ଚି ଗୁରୁତର ଗାଈଙ୍କ ଚିକିତ୍ସା ଓ ମୃତ ଗାଈର ବ୍ୟବଚ୍ଛେଦ କରିଛନ୍ତି। ଶୁକ୍ରବାର ରାତିରେ ଅକ୍ଷୟ ଗୁହାଳରେ ଧୂଆଁ ଦେଇ ଶୋଇବାକୁ ଯାଇଥିଲେ। ରାତି ପ୍ରାୟ ୧୨ଟାରେ ଗୁହାଳରେ ନିଆଁ ଲାଗିଥିବା ଦେଖି ଗ୍ରାମବାସୀ ଆୟତ୍ତ କରିଥିଲେ।

### ଫଟୋ ସାମ୍ବାଦିକଙ୍କୁ ପୋଲିସର ଦୁର୍ବ୍ୟବହାର, ଥାନାରେ ଏତଲା

**କଟକ ଅଫିସ,୧୭।୭:** ଏକ ଛାପା ଗଣମାଧ୍ୟମର ଫଟୋ ସାମ୍ବାଦିକଙ୍କୁ ପୋଲିସର ଦୁର୍ବ୍ୟବହାର କରିଥିବା ନେଇ ଶନିବାର ଚାଉଳିଆଗଞ୍ଜ ଥାନାରେ ଏତଲା ଦିଆଯାଇଛି। ଅଭିଯୋଗ ଅନୁଯାୟୀ, ଶୁକ୍ରବାର ସନ୍ଧ୍ୟାରେ ଫଟୋ ସାମ୍ବାଦିକ ତାପସ ରଞ୍ଜନ ମହାନ୍ତି ଖବର ସଂଗ୍ରହ ପାଇଁ ନୂଆବଜାର ଛକ ଦେଇ ଯାଉଥିବାବେଳେ ସେଠାରେ ଯାଞ୍ଚ କରୁଥିବା ଜଣେ ୩ୟ ଆଇଆରବିର ହାବିଲଦାର ତାଙ୍କୁ ଅଟକାଇ କୁଆଡେ ଯାଉଛ ବୋଲି ପଚାରିଥିଲେ। ସେହି ସମୟରେ ସେ ତାଙ୍କର ପରିଚୟପତ୍ର ଦେଖାଇଥିଲେ ମଧ ହାବିଲଦାର ଜଣକ ତାଙ୍କୁ ଦୁର୍ବ୍ୟବହାର କରିଥିଲେ। ପରେ ତାଙ୍କୁ ବାଇକ୍ ଚାବି ମାଗିବା ସହ ଦୁର୍ବ୍ୟବହାର କରିଥିଲେ। ଏନେଇ ଉପରିସ୍ଥ ପୋଲିସ ଅଧିକାରୀଙ୍କ ନିକଟରେ ଅଭିଯୋଗ କରିବା ପାଇଁ ତାପସ କହିବାରୁ ସେ ପୁଣି ତାଙ୍କୁ ଗାଳିଗୁଲଜ କରିଥିଲେ। ଏହି ଘଟଣାର ଉପଯୁକ୍ତ ତଦନ୍ତ କରାଯାଇ ସମ୍ପୃକ୍ତ ହାବିଲଦାରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ତାପସ ଏତଲାରେ ଦର୍ଶାଇଛନ୍ତି।

ଏହି ଘଟଣାକୁ ମହାନଗର ନାଗରିକ ମଞ୍ଚର ଆବାହକ ଚିତ୍ତରଞ୍ଜନ ମହାନ୍ତି, ସାମ୍ବାଦିକ ସତ୍ୟ ରାୟ, ସଂଗ୍ରାମୀ ଫୋରମର ଆବାହକ ପ୍ରଶାନ୍ତ ଦାସ, ବାମପନ୍ଥୀ ନେତା ବିଶ୍ୱାବସୁ ଦାସ ଓ ବସ୍ତିବାସିନ୍ଦା ମିଳିତ ମଞ୍ଚର ଆବାହକ ଖଗେଶ୍ୱର ସେଠୀ ପ୍ରମୁଖ ଦୃଢ ନିନ୍ଦା କରିଛନ୍ତି। ଏଥିସହ ଉକ୍ତ ଘଟଣାରେ ସମ୍ପୃକ୍ତ ପୋଲିସ କର୍ମଚାରୀଙ୍କ ବିରୋଧରେ ଦୃଢ କାର୍ଯ୍ୟାବୁଷ୍ଠାନ ପାଇଁ ଦାବି କରିଛନ୍ତି।

# ପାଣି ଅଭାବ: ଚାଷ ଜମି ପଡ଼ିଆ ପଡିଛି

- କେନାଲ ସଫା ନ ହେବାରୁ ଜଳସେଚନ ହୋଇପାରୁନି
- ବଢୁଛି ଚାଷୀ ଅସନ୍ତୋଷ
- ମୌସୁମୀ ବର୍ଷା ଠିକ୍‌ଭାବେ ହେଉନି

**ସାଲେପୁର,୧୭।୭(ଡି.ଏନ୍.ଏ.)**



ଚାଷୀମାନେ ପଡ଼ିଆ ପଡ଼ିଥିବା ଚାଷଜମି ଦେଖାଉଛନ୍ତି।

ମୌସୁମୀ ବର୍ଷାର ଲୁଚକାଳି ଖେଳ ସାଙ୍ଗକୁ କେନାଲ ସଫା ନ ହେବାରୁ ସାଲେପୁର ବ୍ଲକର ବହୁ ଚାଷଜମିରେ ଜଳସେଚନ ହୋଇପାରୁନାହିଁ। ଏଥିଯୋଗୁ ଅନେକ ଚାଷ ଜମି ପଡ଼ିଆ ପଡିଛି। ଫଳରେ ଚାଷୀ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି।

ଚାଷ କାର୍ଯ୍ୟ ପାଇଁ ସ୍ଥାନୀୟ ଅଞ୍ଚଳର ଚାଷୀମାନେ ମୁଖ୍ୟତଃ କେନାଲ ଓ ବର୍ଷା ଉପରେ ନିର୍ଭର କରିଥାନ୍ତି। ସାଲେପୁର ବ୍ଲକ ଅନ୍ତର୍ଗତ ତେନ୍ତୋଳ ପଞ୍ଚାୟତର କେନ୍ଦ୍ରାପଡ଼ା କେନାଲରୁ ବାହାରିଥିବା ତେନ୍ତୋଳ ଶାଖା କେନାଲ ସଫା କରାଯାଉନାହିଁ। ଏନେଇ ପାଣି ଆସିବାରେ ବାଧା ସୃଷ୍ଟି ହୋଇଛି। ଫଳରେ ଜମିରେ ଜଳସେଚନ ହୋଇପାରୁନାହିଁ। ଏଭଳିସ୍ଥିତିରେ ଚାଷ କାର୍ଯ୍ୟ ପାଇଁ ଚାଷୀ ବର୍ଷାକୁ ଅପେକ୍ଷା କରିଛନ୍ତି। ବିଲରେ ତଳି ପକାଇ ଚାଷ କାର୍ଯ୍ୟ ପାଇଁ ପ୍ରସ୍ତୁତି ଆରମ୍ଭ କରିଥିବାବେଳେ ଠିକ୍ ଭାବେ ବର୍ଷା ହେଉ ନ ଥିବାରୁ ତଳିଗୁଡ଼ିକ କିଆରିରେ ପଡିଶୁଖିଯାଇଛି। ଏସବୁ ଜମିରେ ବଡ଼ ବଡ଼ ଘାସ ଉଠିଥିବାରୁ ଚାଷକାର୍ଯ୍ୟ ଆରମ୍ଭ ହୋଇପାରୁନାହିଁ। ଉପରମୁଣ୍ଡର ଚାଷ ଜମିଗୁଡିକ ଫାଟି ଆଁ କଲାଣି। କେନ୍ଦ୍ରାପଡ଼ା କେନାଲରୁ ବାହାରିଥିବା ୬ନଂ. ଶାଖା କେନାଲ ସଫା ହୋଇ ନ ଥିବାରୁ ବୋଦାମୁଣ୍ଡାଇ, ପିକୋଳ ଗ୍ରାମକୁ ଜଳସେଚନ ହୋଇପାରୁନାହିଁ। କେନ୍ଦ୍ରାପଡ଼ା ମୁଖ୍ୟ କେନାଲରେ ଗତ ୯ ତାରିଖରୁ ପାଣି ଛଡାଯାଇଛି। ମାତ୍ର ଏପର୍ଯ୍ୟନ୍ତ ସାଲେପୁର ଦେଇ ଯାଇଥିବା ବହୁ ଶାଖା ଓ ଉପଶାଖା କେନାଲ ସଫା ହୋଇ ନଥିବାରୁ ପାଣି ଯାଇପାରୁ ନାହିଁ। ଏନେଇ ଚାଷୀମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତୁରନ୍ତ ଏଗୁଡିକ ସଫା କରା ନ ଗଲେ ସାଲେପୁର ବ୍ଲକର ବହୁ ଚାଷ ଜମିରେ ଠିକ୍ ସମୟରେ ରୁଆ ପୋତା ହୋଇପାରିବ ନାହିଁ ବୋଲି ଚାଷୀମାନେ ଅଭିଯୋଗ କରିଛନ୍ତି।

ଏ ସମ୍ପର୍କରେ ଜଳସମ୍ପଦ ବିଭାଗ ଉପନିର୍ବାହୀ ଅଧିକାରୀ ମନୋଜ ବେହେରାଙ୍କୁ ଫୋନ୍ ଯୋଗେ ଯୋଗାଯୋଗ କରାଯାଇଥିଲେ ମଧ୍ୟ କୌଣସି ପ୍ରତିକ୍ରିୟା ମିଳିପାରି ନାହିଁ।




କଟକ ଶିଳ୍ପୀ କୁମ୍ଭାରସାହି ଅଞ୍ଚଳରେ ସିଏମ୍‌ସି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ବାହାରିଥିବା ଡେଙ୍ଗୁ, ମ୍ୟାଲେରିଆ ଓ ଡାଇରିଆ ସଚେତନତା ଶୋଭାଯାତ୍ରା।

## ବାହୁଡ଼ା ଯାତ୍ରା ପାଇଁ ପୁରୀରେ ୧୪୪ ଧାରା

**ପୁରୀ ଅଫିସ,୧୭।୭**

ବାହୁଡ଼ା ଯାତ୍ରା ପାଇଁ ଏସ୍‌ଓପିକୁ କଡ଼ାକଡ଼ି ପାଳନ କରାଯିବ। ଆସନ୍ତା ୧୯ ତାରିଖ ରାତି ୮ରୁ ୨୧ ତାରିଖ ରାତି ୮ଟା ପର୍ଯ୍ୟନ୍ତ ପୁରୀ ସହରରେ ୧୪୪ ଧାରା ଜାରି ହେବ। ଏହି ସମୟ ମଧ୍ୟରେ ବଡ଼ଦାଣ୍ଡ, ବଡ଼ଦାଣ୍ଡରେ ଥିବା ସମସ୍ତ ହୋଟେଲ୍, ଲଜ୍, ଧର୍ମଶାଳା, ଗେଷ୍ଟହାଉସ୍ ବନ୍ଦ ରହିବ। ଲଜ୍, ଧର୍ମଶାଳା ପ୍ରଭୃତି ୧୮ ତାରିଖ ସୁଦ୍ଧା ବନ୍ଦ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏନେଇ ସମ୍ପୃକ୍ତ ସଂସ୍ଥାର ମାଲିକମାନେ ଲିଖିତ ଭାବେ ସ୍ଥାନୀୟ ପୋଲିସକୁ ଜଣାଇବେ। ବଡ଼ଦାଣ୍ଡରେ ଥିବା ଘରଗୁଡ଼ିକର ବାସିନ୍ଦାଙ୍କ ସମ୍ପର୍କରେ ପୌରସଂସ୍ଥା ପକ୍ଷରୁ ତାଲିକା ପ୍ରସ୍ତୁତ କରାଯାଉଛି। କର୍ଫ୍ୟୁ ସମୟରେ ବିନା କାରଣରେ ତାଲିକାଭୁକ୍ତ ହୋଇ ନ ଥିବା ଲୋକେ କାହାରି ଘରେ ରହୁଥିବା ଜଣାପଡ଼ିଲେ ପୋଲିସ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ନିଆଯିବ। ଏହି ସମୟରେ ବଡ଼ଦାଣ୍ଡ ଥିବା ସମସ୍ତ ଦୋକାନ ବଜାର, ଔଷଧ ଦୋକାନ, ବାଣିଜ୍ୟିକ ପ୍ରତିଷ୍ଠାନ ଓ କାର୍ଯ୍ୟାଳୟ ବନ୍ଦ ରହିବ। ସାଧାରଣ ଲୋକଙ୍କ ଚଳପ୍ରଚଳ ଉପରେ ସମ୍ପୂର୍ଣ୍ଣ କଟକଣା ରହିବ। କୌଣସି ଯାତ୍ରୀବାହୀ ବସ୍ କିମ୍ବା ଟ୍ରେନ୍ ଜିଲା ମଧ୍ୟକୁ ପ୍ରବେଶ କରିପାରିବ ନାହିଁ। କେବଳ ସ୍ୱୀକୃତିପ୍ରାପ୍ତ ଓ ଅତ୍ୟାବଶ୍ୟକ ସାମଗ୍ରୀ ପରିବହନ ଗାଡ଼ିକୁ ଛାଡ଼ି ଦେଲେ କୌଣସି ଗାଡ଼ି ଯାତାୟାତ କରିପାରିବ ନାହିଁ। ବଡ଼ଦାଣ୍ଡକୁ ଛାଡ଼ି ସବୁଠି ଔଷଧ, ଡାକ୍ତରୀ ଉପକରଣ ଓ ଚଷମା ଦୋକାନ ଖୋଲା ରହିବ। ହୋଟେଲ୍ ଓ ରେଷ୍ଟୁରାଣ୍ଟ ଦ୍ୱାରା ହୋମ୍ ଡେଲିଭରି ହେବ। ଜିଲା ମଧ୍ୟକୁ ଥିବା ୮ଟି ପ୍ରବେଶ ଦ୍ୱାରକୁ ସିଲ୍ କରାଯିବ। କେବଳ ବିଦ୍ୟୁତ୍, ଜଳ ଯୋଗାଣ, ଟେଲିକମ୍, ପୋଲିସ ଓ ସୁରକ୍ଷା ପ୍ରଦାନ ସଂକ୍ରାନ୍ତ ସରକାରୀ କାର୍ଯ୍ୟାଳୟ ଖୋଲା ରହିବ। ଏଥିନିମନ୍ତେ ସହଯୋଗ କରିବାକୁ ପ୍ରଶାସନ ପକ୍ଷରୁ ଜନସାଧାରଣଙ୍କୁ ଅନୁରୋଧ କରାଯାଇଛି।

## ଏମ୍‌ପିଙ୍କ ସମୀକ୍ଷା ବୈଠକ

**ଶିକ୍ଷକ, ମୁଖ୍ୟ କିରାଣି ପଦବୀ ପୂରଣ ପାଇଁ ପଦକ୍ଷେପ ନିଆଯିବ**

**କଟକ ଅଫିସ, ୧୭।୭**

ରାଧାନାଥ ଉଚ୍ଚତର ଶିକ୍ଷା ଅନୁଧ୍ୟାନ ପ୍ରତିଷ୍ଠାନ (ଆର୍‌ଆଇଏଏସ୍‌ଇ)ରେ ଶନିବାର ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଏମ୍‌ପି ସୁବାସ ସିଂ ଯୋଗଦେଇ କହିଥିଲେ, ପ୍ରତିଷ୍ଠାନର ବିଭିନ୍ନ ସମସ୍ୟା ଉଚ୍ଚଶିକ୍ଷା ବିଭାଗ ନିକଟରେ ଉପସ୍ଥାପନ କରି ସମାଧାନ ଦିଗରେ ପଦକ୍ଷେପ ନିଆଯିବ। ଏଥିସହ ଶିକ୍ଷକ ଓ ମୁଖ୍ୟ କିରାଣି ପଦବୀ ପୂରଣ ନିମନ୍ତେ ପଦକ୍ଷେପ ନେବେ ବୋଲି ସେ କହିଥିଲେ। ସେହିପରି ନୂତନ ଅଡିଟୋରିୟମ ହଲକୁ ଛାତ୍ରୀଛାତ୍ରଙ୍କ ବ୍ୟବହାର ନିମନ୍ତେ ପ୍ରତିଷ୍ଠାନକୁ ହସ୍ତାନ୍ତର କରିବା ପାଇଁ ସମ୍ପୃକ୍ତ ବିଭାଗ ସହିତ ଆଲୋଚନା କରିବେ ବୋଲି ସେ ପ୍ରତିଶ୍ରୁତି ଦେଇଥିଲେ। ବୈଠକ ପରେ କଲେଜ ପରିସରରେ ଏମ୍‌ପି ସିଂ ଚାରାରୋପଣ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବିଜେଡି ୱାର୍ଡ ସଭାପତି ଜଗନ୍ନାଥ ସ୍ୱାଇଁ, ଅରବିନ୍ଦ ଦାସ, ଶୁଭଶ୍ରୀ ଲେଙ୍କା, ନଗର ବିଜେଡି ସଭାପତି ମଧୁସୂଦନ ସାହୁ, ଉତ୍କଳ ସାହିତ୍ୟ ସମାଜ ସଭାପତି ତରୁଣ କୁମାର ସାହୁ, ଶିଳ୍ପୀ ରବିନାରାୟଣ ରଥ, ରାଧାନାଥ ପ୍ରଶିକ୍ଷଣ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ନିବେଦିତା ଗୁରୁ, ଜୀବନବିନ୍ଦୁ ସିଟି ସଂଯୋଜକ ରଞ୍ଜନ ବିଶ୍ୱାଳ, ଚିତ୍ତ ରଞ୍ଜନ ଦାସ ପ୍ରମୁଖ ଯୋଗଦେଇଥିଲେ।

## ଖାଲି ପଡ଼ିଛି ଏସ୍‌ଆଇ, ଏଏସ୍‌ଆଇ ଓ କନ୍‌ଷ୍ଟେବଲ ପଦବୀ

**କିଶନନଗର ଥାନା**

**କଟକ ସଦର,୧୭।୭(ଡି.ଏନ.ଏ.)**

କଟକ ଜିଲା କିଶନନଗର ଥାନାରେ କର୍ମଚାରୀଙ୍କ ଅଭାବ ରହିଛି। ଏଥିଯୋଗୁ ବିଭିନ୍ନ ସମସ୍ୟା ଦେଖାଦେଇଛି। ବର୍ତ୍ତମାନ ଏହି ଥାନାରେ ଜଣେ ଇନ୍ସପେକ୍ଟର ଓ ଜଣେ ଏସ୍‌ଆଇ ଅଛନ୍ତି। ଏବେସୁଦ୍ଧା ଗୋଟିଏ ଏସ୍‌ଆଇ, ୩ଟି ଏଏସ୍‌ଆଇ ଓ ୨ଟି କନଷ୍ଟେବଲ ପଦବୀ ଖାଲିପଡିଛି। ଉକ୍ତ ଥାନା ଅଧୀନରେ ସାଲେପୁର ବ୍ଲକର ୪, କଟକ ସଦର ବ୍ଲକର ୮ ଓ ନିଶ୍ଚିନ୍ତକୋଇଲି ବ୍ଲକର ୭ଟି ପଞ୍ଚାୟତ ରହିଛି। ଭୌଗଳିକ ଦୃଷ୍ଟିକୋଣରୁ ଏହିସବୁ ଅଞ୍ଚଳରେ ପାଟ୍ରୋଲିଂ ପାଇଁ କର୍ମଚାରୀଙ୍କ ଅଭାବ ରହିଛି। ବିଶେଷକରି ମହାନଦୀ-ଚିତ୍ରୋତ୍ପଳା ଡେଲ୍‌ଟା ଅଞ୍ଚଳ ଉତ୍ତେଜନାପ୍ରବଣ। କାରଣ ଏହି ଅଞ୍ଚଳ କେନ୍ଦ୍ରାପଡ଼ା ଓ ଜଗତ୍‌ସିଂହପୁର ଜିଲା ସହିତ ଲାଗି ରହିଛି। ତେଣୁ ଆଇନଶୃଙ୍ଖଳା ପରିସ୍ଥିତିକୁ ଦୃଷ୍ଟିରେ ରଖି ଉଚ୍ଚ କର୍ତ୍ତୃପକ୍ଷ ଏହି ଥାନାର ଖାଲି ପଦବୀ ପୂରଣ କରିବା ପାଇଁ ସ୍ଥାନୀୟ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ହେଉଛି।

## ବିପଦ ସଙ୍କୁଳ ଅବସ୍ଥାରେ ବିଦ୍ୟୁତ୍ ଖୁଣ୍ଟ

**କଟକ ଅଫିସ,୧୭।୭**



କଟକ ଶିଳ୍ପୀ କୁମ୍ଭାରସାହି ଅଞ୍ଚଳର ଏକ ନାଳ ମଧ୍ୟରେ ବିପଦ ସଙ୍କୁଳ ଅବସ୍ଥାରେ ବିଦ୍ୟୁତ୍ ଖୁଣ୍ଟ ରହିଛି। ଖୁଣ୍ଟରେ କଳଙ୍କି ଲାଗି ନଷ୍ଟ ହୋଇଯାଇଛି। କେତେବେଳେ ଯେ ଖୁଣ୍ଟଟି ଭାଙ୍ଗି ପଡି ଉକ୍ତ ରାସ୍ତା ଦେଇ ଯାତାୟତ କରୁଥିବା ଲୋକଙ୍କ ଉପରେ ପଡିବ ତାହା କହିହେବ ନାହିଁ। ହେଲେ ଏ ଦିଗରେ ବିଭାଗୀୟ ଅଧିକାରୀଙ୍କ ନଜର ନ ଥିବା ବୋଲି ସ୍ଥାନୀୟ ବାସିନ୍ଦା ଅଭିଯୋଗ କରିଛନ୍ତି। ବିଦ୍ୟୁତ୍ ବିଭାଗ କନିଷ୍ଠଯନ୍ତ୍ରୀ ରଘୁନାଥ ପ୍ରସାଦ ନାୟକ କହିଛନ୍ତି, ଏ ସମ୍ପର୍କରେ ତାଙ୍କ ନିକଟରେ କୌଣସି ସୂଚନା ନ ଥିଲା । ରବିବାର ଉକ୍ତ ସ୍ଥାନ ଯାଇ ଅନୁଧ୍ୟାନ କରିବା ପରେ ଖୁଣ୍ଟଟିକୁ ମରାମତି କରାଯିବ।

## ୧୧ ଦିନ ବିତିଲା, ଅଭିଯୁକ୍ତଙ୍କ ଠିକଣା ପାଉନି ପୋଲିସ

**କଟକ ଅଫିସ, ୧୭।୭**

**କେନାଲରୁ ମୃତଦେହ ଜବତ ଘଟଣା**
- ହତ୍ୟା ମାମଲା ରୁଜୁ
- ତଦନ୍ତରେ ଶିଥିଳତା

ଜଗତ୍‌ପୁର ଥାନା ଅଧୀନ ଭଏରପୁର କେନାଲରୁ ଜଣେ ଦିନମଜୁରୀଆଙ୍କ ମୃତଦେହ ପୋଲିସ ଜବତ କରିଥିଲା। ମୃତକଙ୍କ ମୁଣ୍ଡରେ ଗଭୀର କ୍ଷତଚିହ୍ନ ରହିଥିବାବେଳେ ରକ୍ତ ମାଟିରେ ପଡିଥିଲା। ତେଣୁ ତାଙ୍କୁ ହତ୍ୟା କରାଯାଇଥିବାନେଇ ପରିବାର ଲୋକେ ଅଭିଯୋଗ କରିଥିଲେ। ଏ ନେଇ ପୋଲିସ ଦଫା ୩୦୨ ଅନୁଯାୟୀ ଏକ ମାମଲା(ନଂ. ୨୬୨/୨୧) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଇତିମଧ୍ୟରେ ଘଟଣାକୁ ୧୧ ଦିନ ବିତିଯାଇଥିଲେ ମଧ୍ୟ ପୋଲିସ ଅଭିଯୁକ୍ତଙ୍କୁ ଧରିବାରେ ବିଫଳ ହୋଇଛି। ଏହାକୁ ନେଇ ପୋଲିସର କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଅନ୍ୟପକ୍ଷରେ ପୋଲିସ ତଦନ୍ତର ଶିଥିଳତାକୁ ନେଇ ମୃତକଙ୍କ ପରିବାର ଲୋକେ ଅସନ୍ତୋଷ ପ୍ରକାଶ କରିଛନ୍ତି।

ମିଳିଥିବା ସୂଚନା ଅନୁଯାୟୀ, ଭଏରପୁର ଗ୍ରାମର ରମେଶ ଭୋଇ ଦିନମଜୁରିଆ ଭାବେ କାମ କରୁଥିଲେ। ଗତ ୬ ତାରିଖ ରାତି ୨ଟାରେ ସେ ଘର ନିକଟ କେନାଲକୁ ଶୌଚ ହେବା ପାଇଁ ଯାଇଥିଲେ। ପରେ ସେ ଆଉ ଘରକୁ ଫେରି ନ ଥିଲେ। ୭ ତାରିଖ ସକାଳେ ଗ୍ରାମ ନିକଟ କେନାଲରେ ତାଙ୍କ ମୃତଦେହ ପଡିଥିବା ସ୍ଥାନୀୟ ଲୋକେ ଦେଖିବାକୁ ପାଇଥିଲେ। ଖବରପାଇ ପୋଲିସ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ ପାଇଁ ଏସ୍‌ସିବି ମେଡିକାଲ ପଠାଇ ତଦନ୍ତ ଆରମ୍ଭ କରିଥିଲା। ହେଲେ ବ୍ୟବଚ୍ଛେଦ ରିପୋର୍ଟ ପୋଲିସର ହସ୍ତଗତ ହୋଇନାହିଁ। ଏନେଇ ଥାନାଧିକାରୀ ରବୀନ୍ଦ୍ରନାଥ ମେହେର କହିଛନ୍ତି, ହତ୍ୟାକାରୀଙ୍କୁ ଧରିବା ପାଇଁ ବିଭିନ୍ନ ସ୍ଥାନରେ ଚଢାଉ ଜାରି ରହିଛି।

## ନିଶ୍ଚିନ୍ତକୋଇଲିରୁ ୩ ଜଣଙ୍କୁ ଉଠାଇନେଲା ପୋଲିସ

**କେନ୍ଦ୍ରାପଡ଼ା ଅଫିସ/ ନିଶ୍ଚିନ୍ତକୋଇଲି, ୧୭।୭(ସ୍ୱ.ପ୍ର.)**

**ଧର୍ମରକ୍ଷା ସେନା ଆବାହକଙ୍କୁ ହତ୍ୟା ଉଦ୍ୟମ ଘଟଣା**

ଧର୍ମରକ୍ଷା ସେନା ଆବାହକ ବାବୁଲି ଓରଫ ବିବେକାନନ୍ଦ ମହାରଣାଙ୍କୁ ହତ୍ୟା ଉଦ୍ୟମ ଘଟଣାରେ କେନ୍ଦ୍ରାପଡ଼ା ସଦର ଥାନା ପୋଲିସ ଫେରାର ଥିବା ଆହତ ଦୁର୍ବୃତ୍ତଙ୍କ ସମେତ ୩ ଜଣଙ୍କୁ କଟକ ଜିଲା ନିଶ୍ଚିନ୍ତକୋଇଲି ଥାନା ଅଞ୍ଚଳରୁ ଉଠେଇ ଆଣିଛି । ସେମାନଙ୍କୁ ଜିଲାର କୌଣସି ଏକ ଅଜଣା ସ୍ଥାନରେ ରଖି ହତ୍ୟା ଉଦ୍ୟମ ସମ୍ପର୍କରେ ଟିକିନିଖି ପୋଲିସ ବୁଝୁଛି । ତେବେ ଏ ସମ୍ପର୍କରେ ସବିଶେଷ ତଥ୍ୟ ଦେବା ପାଇଁ ଜିଲା ପୋଲିସ ମନା କରିଛି ।

୨୦୧୯ ଜୁଲାଇରେ ବାବୁଲିଙ୍କୁ ୨ ଦୁର୍ବୃତ୍ତ ଗୁଳିମାଡ କରି ଫେରାର ହୋଇଯାଇଥିଲେ। ଏହାର ଠିକ୍ ୨ ବର୍ଷ ପରେ ଗତ ୧୪ ତାରିଖ ଅପରାହ୍ନରେ ୨ ଯୁବକ ଗୋଟିଏ କଳା ପଲ୍‌ସର ଗାଡ଼ିରେ ଆସି ବାବୁଲିଙ୍କୁ ଖୋଜିଥିଲେ । ତେବେ ବାବୁଲିଙ୍କ ପିଏସ୍‌ଓ ତଥା ଜିଲା ପୋଲିସର କନ୍‌ଷ୍ଟେବଲ ମାନସ ମହାନ୍ତି ସେମାନଙ୍କୁ ଅଟକାଇବାକୁ ଯାଉଥିବା ବେଳେ ବାଇକ୍‌ର ପଛରେ ବସିଥିବା ଯୁବକ ଆକ୍ରମଣ ଉଦ୍ଦେଶ୍ୟରେ ବନ୍ଧୁକ ବାହାର କରିଥିଲେ । ଏହାକୁ ଦେଖି ପିଏସ୍‌ଓ ମହାନ୍ତି ଗୋଟିଏ ରାଉଣ୍ଡ ଗୁଳି ଫୁଟାଇଥିଲେ । ସେହି ଗୁଳି ତାଙ୍କ ଦେହରେ ବାଜିଥିବା ନେଇ ସନ୍ଦେହ ହୋଇଥିଲା । ଅପରପକ୍ଷେ ଜିଲା ପୋଲିସର ସ୍ୱତନ୍ତ୍ର ଟାସ୍କଫୋର୍ସ, ସଦର ଥାନା ପୋଲିସ ତଦନ୍ତ ସମୟରେ ନିଶ୍ଚିନ୍ତକୋଇଲି ବଜାରର ଏକ ଘରୋଇ ଡାକ୍ତରଖାନାରେ ସେହି ଗୁଳି କଢ଼ା ଯାଇଥିବା ଜାଣିବାକୁ ପାଇଥିଲା । ଏଥିସହ ସେହି ଡାକ୍ତରଖାନାରେ ଚଢ଼ାଉ ପରେ ୩ ଜଣଙ୍କୁ କେନ୍ଦ୍ରାପଡ଼ା ଜିଲାକୁ ଅଣାଯାଇଥିବା ସୂଚନା ମିଳିଛି । ବାବୁଲିଙ୍କୁ ବାରମ୍ବାର ଆକ୍ରମଣ ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଗତ ୩ ଦିନ ଧରି ଚାପା ଉତ୍ତେଜନା ଲାଗି ରହିଛି ।

## କାମରେ ଲାଗୁନି ଫାଷ୍ଟଏଡ୍ ବକ୍ସ

**କଟକ ଅଫିସ,୧୭।୭**

**ଟ୍ରାଫିକ ପୋଷ୍ଟରେ ରହୁନାହାନ୍ତି କର୍ମଚାରୀ**




କଟକ ସହରରେ ଟ୍ରାଫିକ ସମସ୍ୟା ବଢ଼ିଚାଲିଛି। ବେପରୁଆ ଗାଡ଼ି ଚାଳନା ଯୋଗୁ ପ୍ରତିଦିନ ଦୁର୍ଘଟଣା ଘଟୁଛି। ତେବେ ଦୁର୍ଘଟଣା ସ୍ଥଳରେ ଆହତଙ୍କୁ ପ୍ରାଥମିକ ଚିକିତ୍ସା ଯୋଗାଇ ଦେବା ପାଇଁ ସହରର ବିଭିନ୍ନ ଟ୍ରାଫିକ ପୋଷ୍ଟରେ ଫାଷ୍ଟ ଏଡ୍ ବକ୍ସ ଲଗାଯାଇଛି। ଏହି ବକ୍ସର ଚାବି ଟ୍ରାଫିକ୍ ପୋଷ୍ଟରେ ନିୟୋଜିତ ଥିବା କର୍ମଚାରୀଙ୍କ ପାଖରେ ରହିଥାଏ। ଏବେ ସହରର ସେଲ୍‌ଟର ଛକ, ବଜ୍ରକବାଟି, ଦୋଳମୁଣ୍ଡେଇ, ହାଇକୋର୍ଟ ଛକ, ଚାନ୍ଦିନୀଚୌକରେ ଥିବା ଟ୍ରାଫିକ୍ ପୋଷ୍ଟରେ ଫାଷ୍ଟଏଡ୍ ବକ୍ସ ଅଛି। କିନ୍ତୁ ସେଠାରେ ଟ୍ରାଫିକ ପୋଲିସ ନ ଥିବାରୁ ଏହା କାମରେ ଲାଗୁନି। ଉକ୍ତ ସ୍ଥାନରେ ଦୁର୍ଘଟଣା ଘଟିଲେ ଆହତଙ୍କୁ କିପରି ପ୍ରାଥମିକ ଚିକିତ୍ସା ଯୋଗାଇ ଦିଆଯିବ ବୋଲି ସାଧାରଣରେ ମତପ୍ରକାଶ ପାଇଛି। ଅପରପକ୍ଷେ କେତେକ ସ୍ଥାନରେ ଟ୍ରାଫିକ୍ ସିଗ୍‌ନାଲ କାମ କରୁନାହିଁ । ବିଭିନ୍ନ ଛକରେ ଟ୍ରାଫିକ୍ ପୋଲିସ ନ ଥିବାରୁ ଅନେକ ସମୟରେ ଆମ୍ବୁଲାନ୍ସ, ଅଗ୍ନିଶମ ଗାଡି ଆସିଲେ ପରିସ୍ଥିତି ଜଟିଳ ହେଉଥିବା ଦେଖିବାକୁ ମିଳିଛି। ଏ ସମ୍ପର୍କରେ ଟ୍ରାଫିକ ଆଇଆଇସି ମନୋଜ ରୋଶନ ବିଲୁଙ୍ଗ କହିଛନ୍ତି, ଖାଲିପଡିଥିବା ପୋଷ୍ଟ ପୂରଣ ପାଇଁ ଖୁବ୍‌ଶୀଘ୍ର ପଦକ୍ଷେପ ନିଆଯିବ। ଉପରୋକ୍ତ ଟ୍ରାଫିକ ଅଧିକାରୀଙ୍କ ସହ ଏନେଇ ସେ ଆଲୋଚନା କରିବେ । ଟ୍ରାଫିକ ପୋଷ୍ଟରେ ଫାଷ୍ଟଏଡ୍ ବକ୍ସର ଚାବି ରଖାଯାଇଛି । ସାଧାରଣ ଲୋକ ଯେପରି ଏହି ସୁବିଧାରୁ ଅଧିକ ଉପକୃତ ହୋଇପାରିବେ ସେ ନେଇ ଆଗାମୀ ଦିନରେ ଯୋଜନା କରାଯିବ।

## ଦାବି ପୂରଣ ନ ହେଲେ ଆନ୍ଦୋଳନ ଚେତାବନୀ

**କଟକ ଅଫିସ, ୧୭।୭**

ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ କର୍ମଚାରୀ ମିଳିତମଞ୍ଚର ପଞ୍ଚମ ପ୍ରତିଷ୍ଠା ଦିବସ ଶନିବାର କଟକ ନୟାସଡ଼କସ୍ଥିତ ଓଷ୍ଟା କାର୍ଯ୍ୟାଳୟ ପରିସରରେ ପାଳିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ ରାଜ୍ୟସ୍ତରୀୟ କନ୍‌ଭେନ୍‌ସନ୍‌ରେ ନୂତନ ଅନୁଦାନପ୍ରାପ୍ତ ସ୍କୁଲ ଓ କଲେଜ କର୍ମଚାରୀଙ୍କୁ ସପ୍ତମ ବେତନ କମିଶନ ଆଧାରରେ ଦରମା ପ୍ରଦାନ, କର୍ମଚାରୀଙ୍କୁ ଚାକିରି ସର୍ତ୍ତାବଳୀ ଓ ବୟସ ସୀମା ୬୦ରୁ ୬୨କୁ ବୃଦ୍ଧି ଦାବି ଉପରେ ଆଲୋଚନା ହୋଇଥିଲା। ସେହିପରି ଆଗାମୀ ଅଗଷ୍ଟ ୧ରୁ ୮ ତାରିଖ ପର୍ଯ୍ୟନ୍ତ ଜିଲାସ୍ତରରେ କନଭେନ୍‌ସନ୍ କରାଯିବ। ଅଗଷ୍ଟ ୯ରେ ୩୦ଟି ଜିଲାର ଜିଲାପାଳଙ୍କ ମାଧ୍ୟମରେ ଦାବିପତ୍ର ଦିଆଯିବ ଓ ୧୬ରେ ଭୁବନେଶ୍ୱର ଲୋୟର ପିଏମଜିଠାରେ ବିଶାଳ ସମାବେଶ କରାଯିବା ପାଇଁ ନିଷ୍ପତ୍ତି ନିଆଯାଇଛି। ଦାବି ପୂରଣ ନ ହେଲେ ପୁନର୍ବାର ଆନ୍ଦୋଳନକୁ ଓହ୍ଲାଇବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଫଳରେ ଯେଉଁ ପରିସ୍ଥିତି ସୃଷ୍ଟି ହେବ ସେଥିପାଇଁ ରାଜ୍ୟ ସରକାର ଦାୟୀ ରହିବେ ବୋଲି ମିଳିତ ମଞ୍ଚ ପକ୍ଷରୁ ଚେତାବନୀ ଦିଆଯାଇଛି। ଏହି କାର୍ଯ୍ୟକ୍ରମରେ ଡ. ଗଗନ ବେଉରା ସଭାପତିତ୍ୱ କରିଥିବାବେଳେ ମିଳିତ ମଞ୍ଚର ଆବାହକ ପ୍ରକାଶ ଚନ୍ଦ୍ର ମହାନ୍ତି, ଗୋଲକ ନାୟକ, ପବିତ୍ର ମହାଲା, ସୁକାନ୍ତ କୁମାର ବେହେରା, ଓଷ୍ଟାର ଯୁଗ୍ମ ସାଧାରଣ ସମ୍ପାଦକ ରଞ୍ଜନ କୁମାର ଦାଶ, ସତାବୁଦ୍ଦିନ ଅହମ୍ମଦ ଓ ଅଟଳ ବଳ ପ୍ରମୁଖ ଉପସ୍ଥିତ ଥିଲେ ।

# ଲୋକଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଯିବ

**କଟକ ଅଫିସ, ୧୭।୭**



ଖବରଦାତା ସମ୍ମିଳନୀରେ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଓ ଦୁଇ ବିଧାୟକ।

**କ୍ୟାବିନେଟ୍‌ରେ ମେଗା ପାନୀୟ ଜଳ ପ୍ରକଳ୍ପକୁ ମଞ୍ଜୁରୀ**
- ମହାନଦୀ ପାଣି ବିଶୋଧନ ହେବ
- ୨୬୨ ଗ୍ରାମର ଲୋକେ ଉପକୃତ ହେବେ

କଟକ ଜିଲାର ଆଠଗଡ଼, ତିଗିରିଆ, ବାଙ୍କୀ ଓ ଟାଙ୍ଗୀ-ଚୌଦ୍ୱାର ବ୍ଲକ ଅଞ୍ଚଳର ଜନସାଧାରଣଙ୍କୁ ପାଇପ୍ ଯୋଗେ ଶୁଦ୍ଧ ପାନୀୟଜଳ ଯୋଗାଇ ଦିଆଯିବ। ଶନିବାର ରାଜ୍ୟ କ୍ୟାବିନେଟ୍‌ରେ ଏ ନେଇ ଏକ ମେଗା ପାନୀୟଜଳ ଯୋଗାଣ ପ୍ରକଳ୍ପକୁ ମଞ୍ଜୁରୀ ମିଳିଛି। ଏହାକୁ ନେଇ କଟକ ବକ୍ସିବଜାରସ୍ଥିତ ସର୍କିଟ ହାଉସ୍‌ଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ସୂଚନା ଦେଇ କହିଛନ୍ତି, ଆଠଗଡ଼ ଓ ବାଙ୍କୀ ଅଞ୍ଚଳର ଲୋକମାନେ ପିଇବା ପାଣି ପାଇଁ ଭୂତଳ ଜଳ ଉପରେ ନିର୍ଭର କରିଥାନ୍ତି। ବହୁ ସ୍ଥାନରେ ନଳକୂପରୁ ଲୁହାଗୁଣ୍ଡ ମିଶ୍ରିତ ପାଣି ବାହାରୁଥିବା ତାହା ପିଇବା ଉପଯୋଗୀ ହୋଇ ନ ଥାଏ। ଏହାକୁ ଦୃଷ୍ଟିରେ ରଖି ମହାନଦୀ ପାଣିକୁ କନ୍ଦରପୁରଠାରେ ଜଳ ବିଶୋଧନକାରୀ ପ୍ଲାଣ୍ଟରେ ବିଶୋଧନ କରାଯାଇ ପାଇପ ଯୋଗେ ପାନୀୟଜଳ ବ୍ୟବସ୍ଥା କରାଯିବ। ଏହି ଜଳ ବିଶୋଧନକାରୀ ପ୍ଲାଣ୍ଟର ଜଳଧାରଣ କ୍ଷମତା ୪୩ ମିଲିୟନ ଲିଟର ରହିବ। ଏହି କ୍ରମରେ ୨୭୫ କୋଟି ୩୯ ଲକ୍ଷ ୮୩ ହଜାର ୯୬୦ ଟଙ୍କା ବ୍ୟୟରେ ପାନୀୟ ଜଳ ପ୍ରକଳ୍ପକୁ କ୍ୟାବିନେଟ୍‌ରେ ଅନୁମୋଦନ କରାଯାଇଛି। ଏହି ପ୍ରକଳ୍ପ କାର୍ଯ୍ୟକାରୀ ହେଲେ ଆଠଗଡ଼, ତିଗିରିଆ, ବାଙ୍କୀ ଓ ଟାଙ୍ଗୀ-ଚୌଦ୍ୱାର ବ୍ଲକ ଅଧୀନ ୫୬ଟି ପଞ୍ଚାୟତ ୨୬୨ ଗ୍ରାମର ଲୋକେ ଉପକୃତ ହେବେ। ପ୍ରତି ପଞ୍ଚାୟତରେ ଜଳ ସଂରକ୍ଷଣ ନିମନ୍ତେ ଗୋଟିଏ ଲେଖାଏ ପାଣିଟାଙ୍କି ବ୍ୟବସ୍ଥା କରାଯିବ। ଏହି ଖବରଦାତା ସମ୍ମିଳନୀରେ ଚୌଦ୍ୱାର-କଟକ ବିଧାୟକ ସୌଭିକ୍ ବିଶ୍ୱାଳ ଓ ବାଙ୍କୀ ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀ ଉପସ୍ଥିତ ଥିଲେ ।

## ୨ ସ୍ୱାସ୍ଥ୍ୟକେନ୍ଦ୍ରକୁ ଶବବୁହା ଗାଡ଼ି, ଆମ୍ବୁଲାନ୍ସ ମିଳିଲା

**ବାଙ୍କୀ,୧୭।୭(ସ୍ୱ.ପ୍ର.)**

କଟକ ଏମ୍‌ପି ଭର୍ତ୍ତୃହରି ମହତାବ ଶନିବାର ଏମ୍‌ପି ଉନ୍ନୟନ ପାଣ୍ଠିରୁ ବାଙ୍କୀ ଉପଖଣ୍ଡ ଚିକିତ୍ସାଳୟକୁ ଗୋଟିଏ ଶବବୁହା ଗାଡି ଓ ସୁବର୍ଣ୍ଣପୁର ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନ କଳାପଥର ଉପସ୍ୱାସ୍ଥ୍ୟକେନ୍ଦ୍ରକୁ ଆମ୍ବୁଲାନ୍ସ ପ୍ରଦାନ କରିଛନ୍ତି। ଉପଖଣ୍ଡ ଚିକିତ୍ସାଳୟରେ ଆୟୋଜିତ କାର୍ଯ୍ୟକ୍ରମରେ ମହତାବ ଓ ବିଧାୟକ ଦେବୀରଞ୍ଜନ ତ୍ରିପାଠୀ ପତାକା ହଲାଇ ଉଭୟ ଗାଡ଼ିର ଶୁଭାରମ୍ଭ କରିଥିଲେ। ଏହି ଅବସରରେ ଉପଖଣ୍ଡ ଚିକିତ୍ସାଳୟ ଅଧିକାରୀ ମୃତ୍ୟୁଞ୍ଜୟ ମହାପାତ୍ର ଓ ସୁବର୍ଣ୍ଣପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା. ଅମରେଶ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଉପଖଣ୍ଡ ଚିକିତ୍ସାଳୟ ମ୍ୟାନେଜର ଶଶିକାନ୍ତ ମିଶ୍ର କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

## ସଂକ୍ଷେପରେ

### ଗାଡ଼ି ଧକ୍କାରେ ସ୍କୁଟି ଚାଳକ ମୃତ

ଟାଙ୍ଗୀ(ଖୋର୍ଦ୍ଧା),୧୭।୭(ଡି.ଏନ୍.ଏ.): ୧୬ନଂ. ଜାତୀୟ ରାଜପଥ ନାଚୁଣୀ ନିକଟ ହରିପୁର ଛକରେ ଶୁକ୍ରବାର ରାତିରେ ଏକ ଅଜଣା ଗାଡ଼ି ଧକ୍କାରେ ଜଣେ ସ୍କୁଟି ଚାଳକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଖୋର୍ଦ୍ଧା ଜିଲା ଗୋଳବାଇ ଗ୍ରାମର ସୁଶାନ୍ତ ସାହୁ। ସୂଚନା ମୁତାବକ, ସୁଶାନ୍ତ ଏକ ସ୍କୁଟିରେ ସ୍ତ୍ରୀଙ୍କୁ ନେଇ ଶ୍ୱଶୁର ଘର ନଇରୀ ଗ୍ରାମକୁ ଯାଉଥିଲେ। ଏହି ସମୟରେ ହରିପୁର ଛକରେ ଏକ ଅଜଣା ଗାଡ଼ି ସେମାନଙ୍କୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ସୁଶାନ୍ତଙ୍କ ମୃତ୍ୟୁ ହୋଇଥିବା ବେଳେ ତାଙ୍କ ସ୍ତ୍ରୀ ଗୁରୁତର ହୋଇଥିଲେ। ଖବରପାଇ ଗଙ୍ଗାଧରପୁର ଅଗ୍ନିଶମ କର୍ମଚାରୀ ପହଞ୍ଚି ଗୁରୁତର ଅବସ୍ଥାରେ ତାଙ୍କ ସ୍ତ୍ରୀଙ୍କୁ ଚିକିତ୍ସା ପାଇଁ ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ଭୁବନେଶ୍ୱରର ଏକ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ନାଚୁଣୀ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ତଦନ୍ତ ଚଳାଇଛି।

### ଶଟ୍‌ଡାଉନରେ ବି ଦୋକାନ ଖୋଲା

ଜଟଣୀ,୧୭।୭(ଡି.ଏନ୍.ଏ.): କରୋନା ସଂକ୍ରମଣ ରୋକିବା ପାଇଁ ଖୋର୍ଦ୍ଧା ଜିଲାରେ ସପ୍ତାହାନ୍ତ ଶଟ୍‌ଡାଉନ ଜାରି ରହିଛି। ଏହି କଟକଣା ଜଟଣୀ ପୌରାଞ୍ଚଳରେ କେତେକ ଅମାନିଆ ଦୋକାନୀ ମାନୁ ନ ଥିବା ଦେଖିବାକୁ ମିଳିଛି। ଶଟ୍‌ଡାଉନରେ ବି ପୌରାଞ୍ଚଳର ହାଟବଜାର, ଟ୍ରାଫିକ୍ କଲୋନୀ, ଆକାଉଣ୍ଟ୍ସ କଲୋନୀ, ଲୋକୋ କଲୋନୀ, ଗଜପତିନଗର, ମୁଣ୍ଡିଆ ସାହି, ବାଛରାପାଟଣା, ମାଣିଆ ଛକ, ଗୋରୁହାଟ ଅଞ୍ଚଳର ଅନେକ ସାହିବସ୍ତିର ଗଳିକନ୍ଦିରେ ଚାହା, ଜଳଖିଆ, ମାଛ, ମାଂସ ଓ ପାନ ଦୋକାନ ଖୋଲା ରହୁଛି। ଏଠାରେ କୋଭିଡ୍ ଗାଇଡଲାଇନକୁ ଖୋଲାଖୋଲି ଉଲ୍ଲଂଘନ କରାଯାଉଛି। ପ୍ରତିଦିନ ସକାଳେ ଏବଂ ସନ୍ଧ୍ୟାରେ ଦୋକାନ ଆଗରେ ଲୋକଙ୍କ ଭିଡ଼ ଜମୁଛି। ଲୋକେ ମାସ୍କ ପିନ୍ଧୁ ନ ଥିବା ବେଳେ ଦୋକାନ ଆଗରେ ସାମାଜିକ ଦୂରତ୍ୱ ମଧ ରହୁନାହିଁ। ଏଥିପ୍ରତି ପୌର ପ୍ରଶାସନ ଅଧିକାରୀ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

### ବ୍ରାଉନସୁଗାର ଜବତ, ଯୁବକ ଗିରଫ

ଭୁବନେଶ୍ୱର,୧୭।୭(ବ୍ୟୁରୋ): ଖାରବେଳ ଥାନା ବିଗ୍‌ବଜାର ଶପିଂ ମଲ ପଛପଟେ ଶନିବାର ବ୍ରାଉନସୁଗାର ବିକ୍ରି କରୁଥିବା ବେଳେ ଜଣେ ଯୁବକଙ୍କୁ କାବୁ କରିଛି ସ୍ପେଶାଲ୍ ସ୍କ୍ୱାଡ୍ ଓ ଖାରବେଳ ନଗର ଥାନା ପୋଲିସର ମିଳିତ ଟିମ୍। ଅଭିଯୁକ୍ତ ହେଲେ ମାଳିସାହି ମସଜିଦ୍ କଲୋନୀର ଶେଖ୍ ସୁଲତାନ୍। ପୋଲିସ ତାଙ୍କ ନିକଟରୁ ୧୦ଗ୍ରାମ୍ ବ୍ରାଉନସୁଗାର ସମେତ ନଗଦ ୫ ହଜାର ଟଙ୍କା ଜବତ କରିଛି। ଶନିବାର ସକାଳେ ଅଭିଯୁକ୍ତ ବିଗ୍ ବଜାର ପଛପଟେ ଛିଡା ହୋଇ କେତେଜଣ କଲେଜ ଛାତ୍ରଙ୍କୁ ବ୍ରାଉନସୁଗାର ବିକ୍ରି କରୁଥିବା ନେଇ ସ୍ପେଶାଲ୍ ସ୍କ୍ୱାଡ୍ ସୂଚନା ପାଇଥିଲା। ଏହାପରେ ସ୍ପେଶାଲ ସ୍କ୍ୱାଡ୍ ଓ ଖାରବେଳ ନଗର ଥାନା ଏସ୍ଆଇ ଜେ.ଏସ୍.ସାମଲ ଟିମ୍ ସହ ଘଟଣାସ୍ଥଳରେ ଚଢ଼ାଉ କରି କାବୁ କରିଥିଲା। ତେବେ ସୁଲତାନଙ୍କୁ ବ୍ରାଉନସୁଗାର କାରବାର ନେଇ ପୂର୍ବରୁ ଥରେ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଜେଲ୍‌ରୁ ବାହାରିବା ପରେ ସେ ପୁଣିଥରେ ବ୍ରାଉନସୁଗାର ବିକ୍ରି ଆରମ୍ଭ କରିଥିଲା।

# ଅଙ୍ଗନୱାଡି ସାମଗ୍ରୀ କିଣାରେ ଅନିୟମିତତା

ଖୋର୍ଦ୍ଧା ଅଫିସ,୧୭।୭

- ୮୩.୪୭ ଲକ୍ଷ ଟଙ୍କା ହେରଫେର ଅଭିଯୋଗ
- ପ୍ରମାଣିତ ହେଲେ କାର୍ଯ୍ୟାନୁଷ୍ଠାନ: ଜିଲାପାଳ
- ଟେଣ୍ଡର ପରିବର୍ତ୍ତେ ୩ ଘରୋଇ ସଂସ୍ଥାକୁ ଅନୁକମ୍ପା

ଅଙ୍ଗନୱାଡି କେନ୍ଦ୍ରରେ ଶିଶୁମାନେ ଚେୟାର, ଟେବୁଲରେ ପାଠ ପଢ଼ିବେ। ଏଥି ସହ ସ୍ୱଚ୍ଛ ପାଣି ପିଇବେ। ଏଥିଲାଗି ରାଜ୍ୟ ସରକାରଙ୍କ ପକ୍ଷରୁ ଅନୁଦାନ ଯୋଗାଇ ଦିଆଯାଇଛି। ସରକାରଙ୍କ ନିର୍ଦ୍ଦେଶାବଳୀ ଅନୁଯାୟୀ ଜିଲା କ୍ରୟ କମିଟି ଇ ପୋର୍ଟାଲ ତଥା ଜେମ୍ ମାଧ୍ୟମରେ ଏହି ସାମଗ୍ରୀ କିଣାଯିବ। ଏଥିଲାଗି ରାଜ୍ୟ ମହିଳା ଓ ଶିଶୁ କଲ୍ୟାଣ ବିଭାଗ ପକ୍ଷରୁ ଖୋର୍ଦ୍ଧା ଜିଲାକୁ ଚେୟାର, ଟେବୁଲ ଏବଂ ୱାଟର ଫିଲ୍ଟର ବାବଦକୁ ୮୩ଲକ୍ଷ ୪୭ହଜାର ଟଙ୍କା ଅନୁଦାନ ମିଳିଛି। ସରକାରଙ୍କ ଗାଇଡ୍‌ଲାଇନ ଉଲ୍ଲଂଘନ କରାଯାଇ ବିନା ଟେଣ୍ଡରରେ ସାମଗ୍ରୀ କିଣାଯାଇଛି। ଏହି ସାମଗ୍ରୀ ଅଙ୍ଗନୱାଡି କେନ୍ଦ୍ରରେ ପହଞ୍ଚିନଥିବା ବେଳେ ସମ୍ପୂର୍ଣ୍ଣ ଅର୍ଥ ଜିଲା ମଙ୍ଗଳ ଅଧିକାରୀଙ୍କ କାର୍ଯ୍ୟାଳୟ(ଡିଏସ୍‌ଡବ୍ଲ୍ୟୁ) ପକ୍ଷରୁ ୩ଟି ସଂସ୍ଥାକୁ ଦିଆଯାଇଛି। ଏଭଳି ଅନିୟମିତତା ଅଭିଯୋଗ ଆଣିଛନ୍ତି ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ। ଏ ନେଇ ସେ ଜିଲାପାଳଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି। ଏଥିସହ ରାଜ୍ୟ ମହିଳା ଓ ଶିଶୁ କଲ୍ୟାଣ ଶାସନ ସଚିବ ଏବଂ ମିଶନ ଶକ୍ତି ନିର୍ଦ୍ଦେଶକଙ୍କ ନିକଟରେ ଅଭିଯୋଗ କରିଛନ୍ତି।

ଅଭିଯୋଗ ମୁତାବକ, ମହିଳା ଓ ଶିଶୁ କଲ୍ୟାଣ ବିଭାଗ ନିର୍ଦ୍ଦେଶନାମା ଅନୁସାରେ ସମଗ୍ର ରାଜ୍ୟରେ ଜିଲା ମଙ୍ଗଳ ଅଧିକାରୀଙ୍କ ଜରିଆରେ ଅଙ୍ଗନୱାଡି କେନ୍ଦ୍ରକୁ ଟେବୁଲ, ଚେୟାର, ୱାଟର ଫିଲ୍ଟର ସାମଗ୍ରୀ କିଣାଯାଇ ଯୋଗାଇ ଦିଆଯିବ। ଏହି ସାମଗ୍ରୀ କେବଳ ଜିଲା କ୍ରୟ କମିଟି ଇ-ପୋର୍ଟାଲରେ ଗ୍ଲୋବାଲ ଟେଣ୍ଡର କରିବାର ନିୟମ ରହିଛି। ଏହି ନିୟମକୁ ଖୋଲାଖୋଲି ଉଲ୍ଲଂଘନ କରାଯାଇଛି। ଜିଲା ମଙ୍ଗଳ ଅଧିକାରୀ ଟେଣ୍ଡର ପରିବର୍ତ୍ତେ ୩ଟି ସଂସ୍ଥା ବାରିପଦାର କ୍ୱାଲିଟି ସପ୍ଲାୟର, ଖୋର୍ଦ୍ଧାର ସମ୍ରାଟ ଆସୋସିଏଟ ଏବଂ ଅର୍ପିତା ଏଣ୍ଟରପ୍ରାଇଜର୍ସକୁ ସାମଗ୍ରୀ କିଣିବାକୁ ଅନୁମତି ଦେଇଛନ୍ତି। ସମ୍ପୃକ୍ତ ସଂସ୍ଥା ୧୪ଟି ସିଡିପିଓ ଅଫିସକୁ ଯୋଗାଇଛନ୍ତି। ଟାଙ୍ଗୀ ସିଡିପିଓ ଅଫିସକୁ ୨୫୩ ଅଙ୍ଗନୱାଡି କେନ୍ଦ୍ରରୁ ୪, ବୋଲଗଡ ସିଡିପିଓଙ୍କୁ ୨୨୮ଟି କେନ୍ଦ୍ରରୁ ୮୦ଟି କେନ୍ଦ୍ରକୁ ସାମଗ୍ରୀ ଦିଆଯାଇଛି। ସିଡିପିଓ ବିଏମସି-୨ର ୧୦୨ଟି କେନ୍ଦ୍ରରୁ ୨୦ଟି କେନ୍ଦ୍ରକୁ ସାମଗ୍ରୀ ଦେଇଛନ୍ତି। କେବଳ ୨୦ପ୍ରତିଶତ କେନ୍ଦ୍ରକୁ ସାମଗ୍ରୀ ଦେଇଥିବା ବେଳେ ଉକ୍ତ ସଂସ୍ଥାଗୁଡ଼ିକୁ ପ୍ରାୟ ୮୩.୪୭ଲକ୍ଷ ଟଙ୍କା ସମ୍ପୂର୍ଣ୍ଣ ପଇଠ କରାଯାଇଛି। ତେବେ ସମ୍ପୂର୍ଣ୍ଣ ସାମଗ୍ରୀ ଯୋଗାଣ କରି ନ ଥିବା ବେଳେ କିପରି, ଏହି ଟଙ୍କା ପଇଠ କରାଯାଇଛି। ଏହି ଘଟଣାର ତଦନ୍ତ କରାଯାଇ ସମ୍ପୃକ୍ତ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ସମ୍ପୃକ୍ତ ସଂସ୍ଥାକୁ କଳା ତାଲିକାଭୁକ୍ତ ଲାଗି ରାଉତରାୟ ଦାବି କରିଛନ୍ତି। ଜିଲା ମଙ୍ଗଳ ଅଧିକାରୀଙ୍କ କାର୍ଯ୍ୟାଳୟ ଦୁର୍ନୀତିରେ ବୁଡି ରହିଛି ବୋଲି ବିଧାୟକ ରାଉତରାୟ କହିଛନ୍ତି। ଏ ସମ୍ପର୍କରେ ଜିଲାପାଳ ସନତ ମହାନ୍ତି କହିଛନ୍ତି, ଘଟଣାର ତଦନ୍ତ ନିର୍ଦ୍ଦେଶ ଦିଆଯାଇଛି। ଅଭିଯୋଗ ପ୍ରମାଣିତ ହେଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଅନ୍ୟପଟେ ଏ ସମ୍ପର୍କରେ ଡିଏସ୍‌ଡବ୍ଲ୍ୟୁ ଅଧିକାରୀଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।



ପୁରୀ: ତୈଳ ଦର ବୃଦ୍ଧି ପ୍ରତିବାଦରେ ଶନିବାର ଏକ ପେଟ୍ରୋଲ ପମ୍ପ ଆଗରେ କଂଗ୍ରେସ କର୍ମୀଙ୍କ ବିକ୍ଷୋଭ ପ୍ରଦର୍ଶନ।

# ୧୯ରୁ ୨୧ ଯାଏ ପୁରୀରେ ୧୪୪ ଧାରା

ପୁରୀ ଅଫିସ,୧୭।୭

**ବାହୁଡ଼ା ଯାତ୍ରା ପାଇଁ ଏସ୍‌ଓପି କଡ଼ାକଡ଼ି**

- ବଡ଼ଦାଣ୍ଡ ବାସିନ୍ଦାଙ୍କ ହିସାବ ରଖିବ ପୌରସଂସ୍ଥା
- ବନ୍ଦ ରହିବ ଲଜ୍, ହୋଟେଲ୍, ଧର୍ମଶାଳା
- ଘର ଛାତ, ବାଲକୋନିକୁ ଯିବା ମନା

ବାହୁଡ଼ା ଯାତ୍ରା ପାଇଁ ଏସ୍‌ଓପିକୁ କଡ଼ାକଡ଼ି ପାଳନ କରାଯିବ। ଆସନ୍ତା ୧୯ ତାରିଖ ରାତି ୮ରୁ ୨୧ ତାରିଖ ରାତି ୮ଟା ପର୍ଯ୍ୟନ୍ତ ପୁରୀ ସହରରେ ୧୪୪ ଧାରା ଜାରି ହେବ। ଏହି ସମୟ ମଧ୍ୟରେ ବଡ଼ଦାଣ୍ଡ, ବଡ଼ଦାଣ୍ଡରେ ଥିବା ସମସ୍ତ ହୋଟେଲ୍, ଲଜ୍, ଧର୍ମଶାଳା, ଗେଷ୍ଟହାଉସ୍ ବନ୍ଦ ରହିବ। ଲଜ୍, ଧର୍ମଶାଳା ପ୍ରଭୃତି ୧୮ ତାରିଖ ସୁଦ୍ଧା ବନ୍ଦ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏନେଇ ସମ୍ପୃକ୍ତ ସଂସ୍ଥାର ମାଲିକମାନେ ଲିଖିତ ଭାବେ ସ୍ଥାନୀୟ ପୋଲିସକୁ ଜଣାଇବେ। ବଡ଼ଦାଣ୍ଡରେ ଥିବା ଘରଗୁଡ଼ିକର ବାସିନ୍ଦାଙ୍କ ସମ୍ପର୍କରେ ପୌରସଂସ୍ଥା ପକ୍ଷରୁ ତାଲିକା ପ୍ରସ୍ତୁତ କରାଯାଉଛି। କର୍ଫ୍ୟୁ ସମୟରେ ବିନା କାରଣରେ ତାଲିକାଭୁକ୍ତ ହୋଇ ନ ଥିବା ଲୋକେ କାହାରି ଘରେ ରହୁଥିବା ଜଣାପଡ଼ିଲେ ପୋଲିସ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ନିଆଯିବ। ଏହି ସମୟରେ ବଡ଼ଦାଣ୍ଡ ଥିବା ସମସ୍ତ ଦୋକାନ ବଜାର, ଔଷଧ ଦୋକାନ, ବାଣିଜ୍ୟିକ ପ୍ରତିଷ୍ଠାନ ଓ କାର୍ଯ୍ୟାଳୟ ବନ୍ଦ ରହିବ। ସାଧାରଣ ଲୋକଙ୍କ ଚଳପ୍ରଚଳ ଉପରେ ସମ୍ପୂର୍ଣ୍ଣ କଟକଣା ରହିବ। କୌଣସି ଯାତ୍ରୀବାହୀ ବସ୍ କିମ୍ବା ଟ୍ରେନ୍ ଜିଲା ମଧ୍ୟକୁ ପ୍ରବେଶ କରିପାରିବ ନାହିଁ। କେବଳ ସ୍ୱୀକୃତିପ୍ରାପ୍ତ ଓ ଅତ୍ୟାବଶ୍ୟକ ସାମଗ୍ରୀ ପରିବହନ ଗାଡ଼ିକୁ ଛାଡ଼ି ଦେଲେ କୌଣସି ଗାଡ଼ି ଯାତାୟାତ କରିପାରିବ ନାହିଁ। ବଡ଼ଦାଣ୍ଡକୁ ଛାଡ଼ି ସବୁଠି ଔଷଧ, ଡାକ୍ତରୀ ଉପକରଣ ଓ ଚଷମା ଦୋକାନ ଖୋଲା ରହିବ। ହୋଟେଲ୍ ଓ ରେଷ୍ଟୁରାଣ୍ଟ ଦ୍ୱାରା ହୋମ୍ ଡେଲିଭରି ହେବ। ଜିଲା ମଧ୍ୟକୁ ଥିବା ୮ଟି ପ୍ରବେଶ ଦ୍ୱାରକୁ ସିଲ୍ କରାଯିବ। କେବଳ ବିଦ୍ୟୁତ୍, ଜଳ ଯୋଗାଣ, ଟେଲିକମ୍, ପୋଲିସ ଓ ସୁରକ୍ଷା ପ୍ରଦାନ ସଂକ୍ରାନ୍ତ ସରକାରୀ କାର୍ଯ୍ୟାଳୟ ଖୋଲା ରହିବ। ଏଥିନିମନ୍ତେ ସହଯୋଗ କରିବାକୁ ପ୍ରଶାସନ ପକ୍ଷରୁ ଜନସାଧାରଣଙ୍କୁ ଅନୁରୋଧ କରାଯାଇଛି। ଶନିବାର ଜିଲାପାଳ ସମର୍ଥ ବର୍ମାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଏସବୁ ନିଷ୍ପତ୍ତି ନିଆଯାଇଛି। ଏହି ବୈଠକରେ ଏସ୍‌ପି କନୱର ବିଶାଲ ସିଂଙ୍କ ସମେତ ନିଯୋଗ କର୍ମକର୍ତ୍ତା ଓ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

## ଗଣ୍ଡଗୋଳ ଘଟଣା, ୩ କୋର୍ଟଚାଲାଣ

ଜଟଣୀ,୧୭।୭(ଡି.ଏନ୍.ଏ.)

ଜଟଣୀ ବ୍ଲକ୍ ଅଧୀନ ନିରଞ୍ଜନପୁର ଗ୍ରାମରେ ରାସ୍ତା ଉପରୁ ଗାଡି ହଟାଇବାକୁ ନେଇ ଦୁଇ ପରିବାର ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ଏହି ଘଟଣାରେ ପୋଲିସ ୩ଜଣଙ୍କୁ ଗିରଫ କରି ଶନିବାର କୋର୍ଟଚାଲାଣ କରିଛି। ସେମାନେ ହେଲେ ଏହି ଗ୍ରାମର ବିକାଶ ଭୁଜବଳ, ଆରତ ଭୁଜବଳ ଏବଂ ତ୍ରିତି ଭୁଜବଳ। ଏନେଇ ଥାନାରେ ଏକ ମାମଲା (ନଂ.୩୪୨/୨୧)ରୁଜୁ ହୋଇଛି। ଏହି ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତମାନେ ଫେରାର ଥିବା ପୋଲିସ କହିଛି। ସୂଚନା ମୁତାବକ, ଗତ ଗୁରୁବାର ରାସ୍ତା ଉପରୁ ଗାଡ଼ି ହଟାଇବାକୁ ନେଇ ଦୁଇ ପରିବାର ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ୩ଜଣ ଆହତ ହୋଇଥିଲେ। ଉଭୟ ପରିବାରଙ୍କ ଅଭିଯୋଗ କ୍ରମେ ପୋଲିସ ତଦନ୍ତ ଚଳାଇଥିଲା।

## ଘରେ ପଶି ମହିଳାଙ୍କୁ ଅସଦାଚରଣ, ୩ ଗିରଫ

ଭୁବନେଶ୍ୱର,୧୭।୭(ବ୍ୟୁରୋ)

ଘରେ ପଶି ଜଣେ ମହିଳାଙ୍କୁ ଅସଦାଚରଣ ଓ ତାଙ୍କ ପୁଅଙ୍କୁ ଆକ୍ରମଣ ଅଭିଯୋଗରେ ନୟାପଲ୍ଲୀ ପୋଲିସ ଶନିବାର ୩ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ସାଲିଆସାହି ତାରିଣୀନଗରର ବସ୍ତିରେ ରହୁଥିବା କନ୍ଧମାଳ ଜିଲା ଜି.ଉଦୟଗିରିର ଦୀପକ ନାୟକ, ବୋଲଗଡ ଥାନା ଇଚ୍ଛାପୁରର ଶାହାନୱାଜ୍ ମଲିକ୍ ଓରଫ୍ ମୁଫି ଓ ସାଲିଆସାହିରେ ରହୁଥିବା ଟାଙ୍ଗୀ ଥାନା ଅଞ୍ଚଳର କାଳୁଚରଣ ନାୟକ ଓରଫ୍ ମୁନା। ଏମାନଙ୍କଠାରୁ ଏକ ଖଣ୍ଡା ଜବତ ହୋଇଛି। ସୂଚନା ଅନୁଯାୟୀ, ସାଲିଆସାହି ତାରିଣୀ ନଗରରେ ଗଞ୍ଜାମ ଜିଲା ବୁଗୁଡା ଅଞ୍ଚଳର ଜଣେ ମହିଳା ଓ ତାଙ୍କ ପୁଅ ରୁହନ୍ତି। ଗତ ୩ ତାରିଖ ଅପରାହ୍ନରେ ଉଭୟ ମା' ପୁଅ ଘରେ ଥିବା ବେଳେ ଅଭିଯୁକ୍ତମାନେ ସହଯୋଗୀ ସମୀର ନାୟକ, ରାକେଶ ନାୟକ ଓ ଡିନାଙ୍କ ସହ ମାରଣାସ୍ତ୍ର ଧରି ଘର ପଶିଥିଲେ। ମା' ପୁଅ ବିରୋଧ କରିବାରୁ ସେମାନଙ୍କୁ ଗାଳିଗୁଲଜ କରିବା ସହ ମହିଳାଙ୍କ ସହ ଅସଦାଚରଣ କରିଥିଲେ। ବିରୋଧ କରିବାରୁ ସେମାନେ ଖଣ୍ଡାରେ ମା' ପୁଅଙ୍କୁ ଆକ୍ରମଣ କରିଥିଲେ। ଏ ନେଇ ଅଭିଯୋଗ ପରେ ପୋଲିସ ତଦନ୍ତ କରି ୩ଜଣଙ୍କୁ ଧରିଥିବା ବେଳେ ଅନ୍ୟମାନେ ଫେରାର ଅଛନ୍ତି।

## ସାପ କାମୁଡ଼ାରେ ଛାତ୍ରୀ ମୃତ

ନିରାକାରପୁର,୧୭।୭(ଡି.ଏନ୍.ଏ.)

ସାପ କାମୁଡ଼ାରେ ଚିକିତ୍ସାଧୀନ ଥିବା ଜଣେ ଛାତ୍ରୀଙ୍କ ଶୁକ୍ରବାର ମୃତ୍ୟୁ ଘଟିଛି। ସେ ହେଲେ ଖୋର୍ଦ୍ଧା ଜିଲା ଜଙ୍କିଆ ଥାନା ଅଧୀନ ଟାଙ୍କୋଳ ତ୍ରିନାଥ ମନ୍ଦିର ଛକସାହିର ବିଷ୍ଣୁପ୍ରିୟା ସାହୁ(୧୨)। ସପ୍ତମ ଶ୍ରେଣୀର ବିଷ୍ଣୁପ୍ରିୟା ପାଠ ପଢୁଥିଲେ। ଗତ ୧୫ତାରିଖ ବିଳମ୍ବିତ ରାତିରେ ସେ ଘରେ ଶୋଇଥିବାବେଳେ ଏକ ସାପ ତାଙ୍କୁ କାମୁଡ଼ି ଦେଇଥିଲା। ଚିତ୍କାର ଶୁଣି ପରିବାର ଲୋକେ ଉଠିବା ପରେ ଚିକିତ୍ସା ପାଇଁ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ତାଙ୍କୁ ଭୁବନେଶ୍ୱର ଏମ୍ସ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା।


କେନାଲ ବନ୍ଧରେ ନିର୍ମାଣ ହୋଇଥିବା ପାଇଖାନା ଘର।

## ଜବରଦଖଲକାରୀଙ୍କ କବ୍‌ଜାରେ କେନାଲ ବନ୍ଧ

ନିରାକାରପୁର,୧୭।୭(ଡି.ଏନ୍.ଏ.)

ଚାଷୀଙ୍କ ସ୍ୱାର୍ଥ ପାଇଁ ଖୋର୍ଦ୍ଧା ଜିଲା ରାମେଶ୍ୱର ପଞ୍ଚାୟତ ରାମେଶ୍ୱର ଗଡ଼ଠାରେ ମଲାଗୁଣୀ ବ୍ୟାରେଜ ନିର୍ମାଣ କରାଯାଇଛି। ପରେ ଚାଷର ଉନ୍ନତି ପାଇଁ କେନାଲ ନିର୍ମାଣ କରାଯାଇଛି। ଚାଷୀମାନେ ଜମିକୁ ଯାତାୟାତ କରିବା ପାଇଁ କେନାଲର ଉଭୟ ପାର୍ଶ୍ୱରେ ୩୦ଫୁଟ ଲେଖାଏ ରାସ୍ତା ରହିଥିଲା। ଫଳରେ ନିରାକାରପୁର, ରାମେଶ୍ୱର, ଡିଆ, ଲେଣ୍ଡୋ ଓ ନୂଆଗଡ଼ ପଞ୍ଚାୟତ ଅଞ୍ଚଳର ଚାଷୀମାନେ ଉପକୃତ ହୋଇଥିଲେ। କେତେଜଣ ଜବରଦଖଲକାରୀ ଡିଆ ପଞ୍ଚାୟତ ଭୋଇସାହି ଓ ରାମଶ୍ୱେର ପଞ୍ଚାୟତ ଅଞ୍ଚଳର କେନାଲ ବନ୍ଧ ଉପରେ ସ୍ୱଚ୍ଛ ଭାରତ ପାଇଖାନା ଓ ପକ୍କା ଘର ନିର୍ମାଣ କରିଛନ୍ତି। ଏଥିସହ ଘରର ମଇଳା ପାଣି କେନାଲରେ ଛାଡୁଛନ୍ତି। ଏନେଇ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଏନେଇ ଭୋଇସାହି ଗ୍ରାମବାସୀଙ୍କ ପକ୍ଷରୁ ୨୦୧୮ ମସିହାରେ ଜିଲାପାଳଙ୍କୁ ଅଭିଯୋଗ କରାଇଥିଲେ ମଧ୍ୟ ସୁଫଳ ମିଳି ନାହିଁ। ଏଥିପ୍ରତି ବିଭାଗୀ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଚାଷୀମାନେ ଦାବି କରିଛନ୍ତି। ଏନେଇ ବିଭାଗୀୟ ନିର୍ବାହୀ ଯନ୍ତ୍ରୀ ଜଗତ ଶତପଥୀ କହିଛନ୍ତି, ଯେଉଁ ସ୍ଥାନରେ ଅବରୋଧ କରାଯାଇଥିବ ତା'ର ଫଟୋ ଉଠାଇ ତହସିଲଦାରଙ୍କୁ ପ୍ରଦାନ କରାଯିବ। ପରେ ଉଚ୍ଛେଦ କରାଯିବ ବୋଲି ସେ କହିଛନ୍ତି।

## ପିକ୍‌ଅପ୍ ଭ୍ୟାନ ଜବତ, ଆଉ ଜଣେ ଗିରଫ

ଟାଙ୍ଗୀ(ଖୋର୍ଦ୍ଧା),୧୭।୭(ଡି.ଏନ୍.ଏ.)

**ଅଣ୍ଡା ବୋଝେଇ ଗାଡ଼ି ଲୁଟ୍ ଘଟଣା**

୧୬ନଂ. ଜାତୀୟ ରାଜପଥ ଉଗ୍ରତାରା ଛକରୁ ଏକ ଅଣ୍ଡା ବୋଝେଇ ପିକଅପ ଭ୍ୟାନ ଲୁଟ୍ ଘଟଣାରେ ପୋଲିସ ଶୁକ୍ରବାର ରାତିରେ ଆଉ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ପିକଅପ ଭ୍ୟାନ ଜବତ କରିଛି। ଅଭିଯୁକ୍ତ ହେଲେ ଜଟଣୀ ଥାନା ଅଧୀନ ବୋଖାରୀ ଗ୍ରାମର ଅବୁଜାନ ଖାଁ। ସୂଚନାଥାଉ କି, ଉଗ୍ରତାରା ଛକରୁ ଗତ ଜୁନ ୩ରେ କେତେଜଣ ଦୁର୍ବୃତ୍ତ ଏକ ଅଣ୍ଡା ବୋଝେଇ ପିକଅପ ଭ୍ୟାନ ଲୁଟି ନେଇଥିଲେ। ଅଭିଯୋଗକାରୀ ବଲ୍ଲଭ ସାହୁଙ୍କ ଅଭିଯୋଗକ୍ରମେ ପୋଲିସ ଏକ ମାମଲା (ନଂ.୧୮୩/୨୧)ରୁଜୁ କରିଥିଲା। ପରେ ଖୋର୍ଦ୍ଧା ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ଟାଙ୍ଗୀ ପୋଲିସ ବିଭିନ୍ନ ସ୍ଥାନରେ ଚଢାଉ କରି ୩ଜଣଙ୍କୁ ଗିରଫ କରିଥିଲା। ତେବେ ପୋଲିସ ଶୁକ୍ରବାର ଆଉ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ପିକଅପ୍ ଭ୍ୟାନ (ଓଆର୦୨ ବିଏନ ୦୯୫୪) ଜବତ କରିଛି। ଏହି ମାମଲାରେ ସମ୍ପୃକ୍ତ ଥିବା ଅନ୍ୟ ଅଭିଯୁକ୍ତଙ୍କୁ ଖୁବଶୀଘ୍ର ଗିରଫ କରାଯିବ ବୋଲି ଆଇଆଇସି ବିଜୟ କୁମାର ମଲ୍ଲିକ କହିଛନ୍ତି।

## ପରିବେଶ ସୁରକ୍ଷା ବାର୍ତ୍ତା ଦେଲେ ବିଧାୟକ



ଖୋର୍ଦ୍ଧା କ୍ଲବ ପରିସରରେ ଚାରାରୋପଣ କରାଯାଉଛି।

ଖୋର୍ଦ୍ଧା ଅଫିସ,୧୭।୭

ଖୋର୍ଦ୍ଧା କ୍ଲବ ପରିସରରେ ଚାରାରୋପଣ କାର୍ଯ୍ୟକ୍ରମ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ରାଜ୍ୟସଭା ସଦସ୍ୟ ମୁନା ଖାଁ ମୁଖ୍ୟ ଅତିଥିଭାବେ ଯୋଗଦେଇ ଚାରାରୋପଣ କରିଥିଲେ। ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର ଚାରାରୋପଣ କରି ପରିବେଶ ସୁରକ୍ଷାର ବାର୍ତ୍ତା ଦେଇଥିଲେ। ଜିଲା ପରିଷଦ ଅଧ୍ୟକ୍ଷ ପ୍ରଫୁଲ୍ଲ କୁମାର ଦଳାଇ, ଓଡ଼ିଶା 'ମୋ ପରିବାର' ସଂଯୋଜକ ଦିଲ୍ଲୀପ କୁମାର ହୋତା, ଗୀତାଞ୍ଜଳି ପାଟ୍ଟଶାଣୀ, ବିଡିଓ ରୁମାନା ଜାଫ୍ରି ଅତିଥିଭାବେ ଯୋଗଦେଇ ଚାରାରୋପଣ କରିଥିଲେ। ଖୋର୍ଦ୍ଧା କ୍ଲବର ସଦସ୍ୟ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



ଭୁବନେଶ୍ୱର: କ୍ୟାପିଟାଲ ହସ୍ପିଟାଲ ଆହାରକେନ୍ଦ୍ରଠାରେ ଶନିବାର ଖାଦ୍ୟ ପାଇଁ ଲୋକଙ୍କ ଭିଡ଼।

## ଲକ୍ଷାଧିକ ଟଙ୍କା ଠକି କୋରିୟର ବଏ ଗିରଫ

ଭୁବନେଶ୍ୱର,୧୭।୭(ବ୍ୟୁରୋ)

କୋରିଅର ସଂସ୍ଥାର ଲକ୍ଷାଧିକ ଟଙ୍କା ନେଇ ଫେରାର ହୋଇଯାଇଥିବା ଅଭିଯୋଗରେ ଖାରବେଳନଗର ଥାନା ପୋଲିସ ଶନିବାର ଉକ୍ତ ସଂସ୍ଥାର ଜଣେ କୋରିୟର ବଏଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ, ଗଙ୍ଗନଗର ଆଖଣ୍ଡଳମଣୀ ବସ୍ତିର ବିକି ସେଠି(୨୭)। ପୋଲିସ ତାଙ୍କ ନିକଟରୁ ୧୬ହଜାର ଟଙ୍କା ମୂଲ୍ୟର କୋରିଅର ଜିନିଷ ଜବତ କରିଛି। ଗତ ୨ତାରିଖରେ ବିକି ଇନ୍‌ଷ୍ଟାକାର୍ଟ କୋରିଅର ସଂସ୍ଥାରୁ ଲକ୍ଷେ ୪ହଜାର ଟଙ୍କାର ଜିନିଷ ପାର୍ସଲ ନେଇ ଲୋକଙ୍କୁ ଦେବାକୁ ଯାଇଥିଲେ। ବିକି ଲୋକଙ୍କୁ ସେମାନଙ୍କ ପାର୍ସଲ ଦେଇ ଟଙ୍କା ଆଣିଥିଲେ। ହେଲେ ସେ ଟଙ୍କା ଅଫିସରେ ନ ଦେଇ ଫେରାର ହୋଇଯାଇଥିଲେ। ସଂସ୍ଥା ପକ୍ଷରୁ ଥାନାରେ ଅଭିଯୋଗ ହେବା ପରେ ପୋଲିସ ତଦନ୍ତ କରି ବିକିଙ୍କୁ ଗିରଫ କରିଛି।

# ଗ୍ରାମାଞ୍ଚଳରେ ସଂକ୍ରମଣ ହାର ୨.୩୧%

ଖୋର୍ଦ୍ଧା ଅଫିସ,୧୭।୭

**ଜିଲାପାଳଙ୍କ କୋଭିଡ୍ ସ୍ଥିତି ସମୀକ୍ଷା**

- ୪,୫୯,୮୬୧ଜଣଙ୍କ ହୋଇଛି ନମୁନା ସଂଗ୍ରହ
- ୩,୩୨,୧୫୩ ନେଇଛନ୍ତି ଟିକା
- ୨୯.୫୮ଲକ୍ଷ ଟଙ୍କା ଜରିମାନା ଆଦାୟ

ଖୋର୍ଦ୍ଧା ଗ୍ରାମାଞ୍ଚଳରେ କରୋନା ସ୍ଥିତି ନିୟନ୍ତ୍ରଣରେ ରହିଛି। ଶନିବାର ଜିଲାପାଳ ସନତ୍ ମହାନ୍ତି ଭର୍ଚୁଆଲରେ କୋଭିଡ୍ ସ୍ଥିତି ସମୀକ୍ଷା କରିଛନ୍ତି। ଗ୍ରାମାଞ୍ଚଳରେ ଦୈନିକ ସଂକ୍ରମଣ ହ୍ରାସ ପାଉଥିବା ବେଳେ ସୁସ୍ଥ ହାର ବୃଦ୍ଧି ପାଉଛି। ଜୁଲାଇ ପ୍ରଥମ ସପ୍ତାହରୁ ସଂକ୍ରମଣ କ୍ରମାଗତ ହ୍ରାସ ପାଇ ୨.୩୧ ପ୍ରତିଶତ ରହିଛି। ଶନିବାର ୬୩ଜଣ ଆକ୍ରାନ୍ତ ହୋଇଥିବା ବେଳେ ୯୨ଜଣ ସୁସ୍ଥ ହୋଇ ଘରକୁ ଫେରିଛନ୍ତି। ଗ୍ରାମାଞ୍ଚଳରେ ବର୍ତ୍ତମାନ ସୁଦ୍ଧା ୨୭,୫୯୮ଜଣ ପଜିଟିଭ୍ ଚିହ୍ନଟ ହୋଇଥିବା ବେଳେ ସେଥିରୁ ୨୭,୦୨୫ଜଣ ସୁସ୍ଥ ହୋଇଛନ୍ତି। ୧୪୮ଜଣଙ୍କ ମୃତ୍ୟୁ ଘଟିଛି। ୪୨୫ଜଣ ସକ୍ରିୟ ସଂକ୍ରମିତ ରହିଛନ୍ତି।

ଚିଲିକା ଏବଂ ବାଣପୁର ବ୍ଲକରେ ଗ୍ରୀନ ଜୋନରେ ସଂକ୍ରମଣ ବଢୁଛି। ଅନ୍ୟ ବ୍ଲକରେ ସଂକ୍ରମଣ ଖସୁଥିବା ବେଳେ ଗ୍ରୀନ ଜୋନରେ ବଢିବାରେ ଲାଗିଛି। ଅଧିକ ସଂକ୍ରମିତ ୫୪୧ ଅଞ୍ଚଳକୁ ମାଇକ୍ରୋ କଣ୍ଟେନମେଣ୍ଟ କରାଯାଇଛି। ସେଥିରୁ ୧୪ଟି ବଳବତ୍ତର ରହିଛି। ଆବଶ୍ୟକତାନୁସାରେ ସଂକ୍ରମିତ ଅଞ୍ଚଳକୁ କଣ୍ଟେନମେଣ୍ଟ କରାଯିବ। କୋଭିଡ ସମୟରେ ଏନଫୋର୍ସମେଣ୍ଟକୁ କଡାକଡି କରାଯାଇଛି। ବିଏମ୍‌ସିକୁ ବାଦ ଦେଲେ ଗ୍ରାମାଞ୍ଚଳରେ ୨୯ ଲକ୍ଷ ୫୮ହଜାର୨୪୫ଟଙ୍କା ଜରିମାନା ଆଦାୟ କରାଯାଇଛି। ଗ୍ରାମାଞ୍ଚଳରେ ନମୁନା ସଂଗ୍ରହ ଏବଂ ଟିକାକରଣ ଉପରେ ଗୁରୁତ୍ୱ ଦିଆଯାଇଛି। ପ୍ରତି ବ୍ଲକରେ ଦୈନିକ ୩ହଜାର ନମୁନା ସଂଗ୍ରହ କରାଯାଉଛି। ବର୍ତ୍ତମାନ ସୁଦ୍ଧା ୪,୫୯,୮୬୧ଜଣଙ୍କ ନମୁନା ସଂଗ୍ରହ କରାଯାଇଛି। ଜିଲା ମୁଖ୍ୟ ଚିକିତ୍ସାଳୟ ସମେତ ୮୫ଟି କେନ୍ଦ୍ରରେ ଟିକାକରଣ ବ୍ୟବସ୍ଥା କରାଯାଇଛି। ଶନିବାର ସୁଦ୍ଧା ୩ଲକ୍ଷ ୩୨ହଜାର ୧୫୩ଜଣଙ୍କୁ ଟିକା ଦିଆଯାଇଛି। ସେଥିରୁ ୪୫ବର୍ଷରୁ ଊର୍ଦ୍ଧ୍ୱ ୮୨,୫୧୨ଜଣଙ୍କୁ ପ୍ରଥମ ଓ ୩୦,୯୭୬ଜଣଙ୍କୁ ଦ୍ୱିତୀୟ ଡୋଜ ଦିଆଯାଇଛି। ୬୦ବର୍ଷରୁ ଊର୍ଦ୍ଧ୍ୱ ୭୪,୦୦୧ଜଣଙ୍କୁ ପ୍ରଥମ ଓ ୩୯,୪୪୪ଜଣ ଦ୍ୱିତୀୟ ଡୋଜ ଟିକା ନେଇଛନ୍ତି। ଆଗଧାଡିର ଯୋଦ୍ଧା(୧୮ରୁ ୪୪) ୧୬୫୨ ଓ ୩୬ଜଣ ସ୍ୱାସ୍ଥ୍ୟକର୍ମୀ ଟିକା ନେଇଛନ୍ତି। ୧୮ରୁ ୪୪ ସାଧାରଣ ଯୁବବର୍ଗ ୭୧,୫୯୯ଜଣଙ୍କୁ ପ୍ରଥମ ଏବଂ ୮୭ଜଣଙ୍କୁ ଦ୍ୱିତୀୟ ଡୋଜ ଟିକା ଦିଆଯାଇଥିବା ସିଡିଏମଓ ବିଶ୍ୱରଞ୍ଜନ ପତି କହିଛନ୍ତି। ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ ଗର୍ଭବତୀଙ୍କୁ ଟିକା ଦେବା ଲାଗି ପ୍ରକ୍ରିୟା ଆରମ୍ଭ ହୋଇଛି। କରୋନା ଆକ୍ରାନ୍ତଙ୍କ ଉପଯୁକ୍ତ ଚିକିତ୍ସା ଏବଂ ପରାମର୍ଶ ଲାଗି ହେଲ୍ପ ଡେସ୍କକୁ ଉପଯୋଗୀ ଲାଗି ଜିଲାପାଳ ମହାନ୍ତି ପରାମର୍ଶ ଦେଇଥିଲେ। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲାପାଳ ଅନୁଜ ଦାସ ପଟ୍ଟନାୟକ, ପିଡି ଡିଆରଡିଏ ଦିଗନ୍ତ କୁମାର ରାଉତରାୟ, ଅତିରିକ୍ତ ଜିଲାପାଳ(ଭୁବନେଶ୍ୱର) ପ୍ରଫୁଲ୍ଲ କୁମାର ସ୍ୱାଇଁ, ଉପଜିଲାପାଳ ଆଇଏଏସ ଆଇ.ଗୌରବ ଶିବାଜୀ, ଉପଜିଲାପାଳ (ଭୁବନେଶ୍ୱର) ଦେବବ୍ରତ ସାହୁ, ଅତିରିକ୍ତ ସିଡିଏମଓ ଦ୍ୱାରିକାନାଥ ଶତପଥୀ, ସ୍ୱାସ୍ଥ୍ୟ ଅଧିକାରୀ ଡା. ଜୀବନ୍ତ ଆଚାର୍ଯ୍ୟଙ୍କ ସମେତ ସମସ୍ତ ବ୍ଲକର ବିଡିଓ, ତହସିଲଦାର ଏବଂ ବିଭାଗୀୟ ଅଧିକାରୀ ଯୋଗ ଦେଇଥିଲେ।

### ସଡ଼କ ଦୁର୍ଘଟଣା, ୨ ଗୁରୁତର

ନିମାପଡ଼ା,(ଡି.ଏନ୍.ଏ.)- ନିମାପଡ଼ା -ପିପିଲି ରାସ୍ତାର ରଟିଲୋ ଛକ ନିକଟରେ ଶନିବାର ରାତିରେ ଦୁଇଟି ବାଇକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହେବାରୁ ବାଇକ୍ ଚାଳକଦ୍ୱୟ ଗୁରୁତର ହୋଇଛନ୍ତି। ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରି ପ୍ରଥମେ ନିମାପଡ଼ା ମେଡିକାଲ ପରେ କ୍ୟାପିଟାଲ ହସ୍ପିଟାଲ ସ୍ଥାନାନ୍ତର କରାଯାଇଛି। ଖବରପାଇ ନିମାପଡ଼ା ଥାନା ପୋଲିସ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ୨ଟି ବାଇକ୍‌କୁ ଜବତ କରିଛି। ସୂଚନା ଅନୁଯାୟୀ, କୋଣାର୍କ ଅଞ୍ଚଳର ଜଣେ ଯୁବକ ବାଇକ୍‌ରେ ଭୁବନେଶ୍ୱର ଅଭିମୁଖେ ଆସୁଥିଲେ। ଏହି ସମୟରେ ନିମାପଡ଼ା ଥାନା ଅଧୀନ ରଟିଲୋ ଗ୍ରାମର ଅଶ୍ୱିନୀ ବାରିକ ଆସୁଥିବାବେଳେ ରଟିଲୋ ଛକରେ ମୁହାଁମୁହିଁ ହୋଇଥିଲେ। ଅନ୍ୟଜଣେ ବାଇକ୍ ଚାଳକଙ୍କ ପରିଚୟ ଜଣାପଡ଼ି ନାହିଁ।

## ସଂକ୍ଷେପରେ

### ପୋଲିସକୁ ଆକ୍ରମଣ ଘଟଣା, ଆଉ ଜଣେ ଗିରଫ

ଡେଲାଙ୍ଗ,୧୭।୭(ଡି.ଏନ୍.ଏ.)- ଗତ ହୋଲି ସମୟରେ ଡେଲାଙ୍ଗ ଥାନା ଅଧୀନ ହରିରାଜପୁର ଫାଣ୍ଡିର ଜଣେ ସିପାହିଙ୍କୁ ଏକ ଟାଙ୍ଗିଆରେ ଆକ୍ରମଣ କରିବା ଘଟଣାରେ ଆଉ ଜଣେ ଅଭିଯୁକ୍ତକୁ ପୋଲିସ ଗିରଫ କରିଛି। ସେ ହେଲେ ଗୋଧିସାହି ଗ୍ରାମର ବିଜୟ ମଲ୍ଲିକ(୨୨)। ସୂଚନା ଥାଉକି, ମାର୍ଚ୍ଚ ୨୯ରେ ହରିପୁର ନିକଟସ୍ଥ ଗୋଧିସାହି ଗ୍ରାମରେ କେତେକ ଲୋକେ ହୋହଲ୍ଲା କରୁଥିବା ପୋଲିସ ଖବର ପାଇଥିଲା। ହରିରାଜପୁର ଫାଣ୍ଡି ଷ୍ଟାଫ ଘଟଣାସ୍ଥଳକୁ ଯାଇ ୨ ଜଣ ଯୁବକଙ୍କୁ ବାରଣ କରିଥିଲେ। ଏଥିରେ ସେମାନେ ଉତ୍ତ୍ୟକ୍ତ ହୋଇ ସିପାହି ଅନନ୍ତନାରାୟଣ ରାଉତରାୟ(୪୦)ଙ୍କୁ ଏକ ଟାଙ୍ଗିଆରେ ଆକ୍ରମଣ କରିଥିଲେ। ଏ ନେଇ ନଂ.୭୧/୨୧ ମାମଲା ରୁଜୁ କରାଯାଇ ଗୋଧିସାହି ଗ୍ରାମର ଗୌରହରି ମଲ୍ଲିକ, କୁନା ମଲ୍ଲିକଙ୍କୁ ଗିରଫ କରାଯାଇଥିବା ବେଳେ ବିଜୟ ଫେରାର ହୋଇଯାଇଥିଲା।

### ଗ୍ରାମୀଣ ସ୍ୱଚ୍ଛତା ନେଇ ସଚେତନତା

ସାକ୍ଷୀଗୋପାଳ,(ଡି.ଏନ୍.ଏ.)- କେନ୍ଦ୍ର ସରକାରଙ୍କ ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରଣାଳୟ ଦ୍ୱାରା ପରିଚାଳିତ ଜନଶିକ୍ଷଣ ସଂସ୍ଥା, ପୁରୀ ତରଫରୁ ଶନିବାର ସ୍ଥାନୀୟ ବିଦ୍ୟାଧରପୁର ପଞ୍ଚାୟତରେ ସ୍ୱଚ୍ଛତାପକ୍ଷ ପାଳନ ଆରମ୍ଭ କରାଯାଇଛି। ଏହି ଅବସରରେ ଅନୁଷ୍ଠିତ ଗ୍ରାମୀଣ ସଚେତନତା ସଭାରେ ଅତିଥିମାନେ ବ୍ୟକ୍ତିଗତ ସ୍ୱଚ୍ଛତା ପ୍ରତି ଗୁରୁତ୍ୱ ଆରୋପ କରିଥିଲେ। ପ୍ରଥମେ ନିଜେ, ନିଜ ପରିବାର ସହ ପଡୋଶୀଙ୍କୁ କିପରି ସ୍ୱଚ୍ଛତା ଦିଗରେ ସହାୟକ ହୋଇପାରିବା ଆଲୋଚନା କରାଯାଇଥିଲା। ଜନ ଶିକ୍ଷଣ ସଂସ୍ଥାନର ନିର୍ଦ୍ଦେଶକ ଜ୍ଞାନ ବିକାଶ ଗଜେନ୍ଦ୍ରଙ୍କ ସଭାପତିତ୍ୱରେ ପାଣିଛତ୍ର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ଅଧିକାରୀ ଡା. ସୌମିତ୍ରୀ ମହାନ୍ତି ମୁଖ୍ୟ ଅତିଥି, ସ୍ୱାସ୍ଥ୍ୟକର୍ମୀ ହେମନ୍ତ ନାୟକ, ସରପଞ୍ଚ ରଶ୍ମିତା ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ ସଂସ୍ଥାନର ପ୍ରଶିକ୍ଷାର୍ଥୀ, ପ୍ରଶିକ୍ଷିକା, ପ୍ରଶିକ୍ଷକ ଏବଂ କର୍ମଚାରୀମାନଙ୍କୁ ନେଇ ଏକ ସ୍ୱଚ୍ଛତା ଆଧାରିତ ଶପଥ ପାଠ କାର୍ଯ୍ୟକ୍ରମ କରାଯାଇଥିଲା। ସାମାଜିକ କର୍ମୀ ଦୁଃଶାସନ ପ୍ରଧାନ ଓ ଜନ ଶିକ୍ଷଣ ସଂସ୍ଥାନର ସହ-କାର୍ଯ୍ୟକ୍ରମ ଅଧିକାରୀ ପଦ୍ମଚରଣ ସେଠୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### କରୋନା ଆକ୍ରାନ୍ତ ଅଧ୍ୟାପକଙ୍କ ମୃତ୍ୟୁ

ଡେଲାଙ୍ଗ,୧୭।୭(ଡି.ଏନ୍.ଏ.)- ଡେଲାଙ୍ଗ ବ୍ଲକ ଅନ୍ତର୍ଗତ କଲ୍ୟାଣପୁରସ୍ଥିତ +୨ ବିଜ୍ଞାନ ମହାବିଦ୍ୟାଳୟର ଅଧ୍ୟାପକ ପ୍ରକାଶ ଚନ୍ଦ୍ର ସେନାପତିଙ୍କ ମୃତ୍ୟୁ ଘଟିଛି। ସେ ଗତ ୧ ମାସ ଧରି କୋଭିଡରେ ଆକ୍ରାନ୍ତ ହୋଇ କଟକ ବଡଡାକ୍ତରଖାନାରେ ଚିକିତ୍ସାଧୀନ ଥିଲେ। ତାଙ୍କର ଶୁକ୍ରବାର ସନ୍ଧ୍ୟାରେ ମୃତ୍ୟୁ ହୋଇଥିବା ନେଇ ପରିବାର ଲୋକଙ୍କ ପକ୍ଷରୁ ସୂଚନା ମିଳିଛି। ତାଙ୍କୁ ୪୩ ବର୍ଷ ହୋଇଥିଲା। ସେ ୨୦ ବର୍ଷ ଧରି ମହାବିଦ୍ୟାଳୟରେ ଗଣିତ ଅଧ୍ୟାପକ ଭାବେ ଶିକ୍ଷାଦାନ କରୁଥିଲେ। ଏ ନେଇ ଶନିବାର ମହାବିଦ୍ୟାଳୟ ପରିସରରେ ଅଧ୍ୟାପକ ନିରୋଦ ସାମନ୍ତରାୟଙ୍କ ସଭାପତିତ୍ୱରେ ତାଙ୍କ ଅମର ଆତ୍ମାର ସଦଗତି ନିମନ୍ତେ ୨ ମିନିଟ ନୀରବ ପ୍ରାର୍ଥନା କରାଯାଇଛି। ଏହି କାର୍ଯ୍ୟକ୍ରମରେ ଅଧ୍ୟକ୍ଷ, ଅଧ୍ୟାପକ, ଅଧ୍ୟାପିକା ଓ ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

### ବକୁଳବନ କମିଟି ପକ୍ଷରୁ ପୁସ୍ତକ ଉନ୍ମୋଚିତ

ସାକ୍ଷୀଗୋପାଳ,୧୭।୭(ସ୍ୱ.ପ୍ର./ ଡି.ଏନ୍.ଏ.)- ବକୁଳବନ ମହୋତ୍ସବ କମିଟି ପକ୍ଷରୁ ଶନିବାର ପଞ୍ଚସଖା ସ୍ମୃତି ପାଠାଗାରରେ ଏକ ପୁସ୍ତକ ଉନ୍ମୋଚନ କରାଯାଇଥିଲା। ସାକ୍ଷୀଗୋପଳ ବାଳିକା ଉଚ୍ଚ ବିଦ୍ୟାଳୟରେ ଚାରାରୋପଣ କରାଯିବା ସହ ସାକ୍ଷୀଗୋପାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀଙ୍କୁ ଫଳ ବଣ୍ଟନ କରାଯାଇଥିଲା। ପୁରୀ ସୁନ୍ଦରଦାସ ମଠର ମହନ୍ତ ପର୍ଶୁରାମ ଦାସ ମହାରାଜ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ବକୁଳବନର ମହୋତ୍ସବ ପ୍ରତିଷ୍ଠାତା କବି ଶଚିକାନ୍ତ ବିଶ୍ୱାଳଙ୍କ ଭକ୍ତିଗୀତ ଭଜନ ପୁସ୍ତକ ଓ ଶିକ୍ଷୟିତ୍ରୀ ସୁନନ୍ଦା ମହାନ୍ତିଙ୍କ ପୁସ୍ତକ ପାପରୁ ଖିଏ ପୁଣ୍ୟରୁ ନ ନିଏ ଅତିଥିମାନେ ଉନ୍ମୋଚନ କରିଥିଲେ। ବକୁଳବନ ମହୋତ୍ସବର ସମ୍ପାଦକ ଯଯାତି କେଶରୀ ରାୟ କହିଥିଲେ, ବୃକ୍ଷ ବଞ୍ଚିଲେ ମାନବ ସମାଜ ବଞ୍ଚି ରହିବ। ତେଣୁ ପ୍ରତ୍ୟେକ ଲୋକ ଜୀବନ କାଳ ଭିତରେ ବୃକ୍ଷରୋପଣ କରିବା ଜରୁରୀ। ବାଳିକା ଉଚ୍ଚ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ରତ୍ନାକର ଜେନା, ଶିକ୍ଷୟିତ୍ରୀ ସୁଜାତା ଦେବୀ, ବିଶାଖା ଦେବୀ, ସହକାରୀ ଶିକ୍ଷୟିତ୍ରୀ ମମତା ଷଡ଼ଙ୍ଗୀ । ବିହାରୀ ବିଶ୍ୱାଳ, ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ନିଳିମା ରଥ, କୃଷ୍ଣ ବାରିକ, ଲିଙ୍ଗରାଜ ବର, କୃପାନିଧି ପ୍ରଧାନ, ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଛାତ୍ରୀ ସ୍ନେହଶ୍ରଦ୍ଧା ପ୍ରଧାନ ସହଯୋଗ କରିଥିଲେ। ଶେଷରେ ବୀରରାମଚନ୍ଦ୍ରପୁର ସରପଞ୍ଚ ପ୍ରସନ୍ନ କୁମାର ଷଡଙ୍ଗୀ ଧନ୍ୟବାଦ ଦେଇଥିଲେ।

# ୧୯ରୁ ୨୧ ପୁରୀରେ ୧୪୪ ଧାରା

**ବାହୁଡ଼ା ଯାତ୍ରା ପାଇଁ ଏସ୍‌ଓପି କଡ଼ାକଡ଼ି**

- ବଡ଼ଦାଣ୍ଡ ବାସିନ୍ଦାଙ୍କ ହିସାବ ରଖିବ ପୌରସଂସ୍ଥା
- ବନ୍ଦ ରହିବ ଲଜ୍, ହୋଟେଲ୍, ଧର୍ମଶାଳା
- ଘର ଛାତ, ବାଲକୋନିକୁ ଯିବା ମନା

ପୁରୀ ଅଫିସ,୧୭।୭:

ବାହୁଡ଼ା ଯାତ୍ରା ପାଇଁ ଏସ୍‌ଓପିକୁ କଡ଼ାକଡ଼ି ପାଳନ କରାଯିବ। ଆସନ୍ତା ୧୯ ତାରିଖ ରାତି ୮ରୁ ୨୧ ତାରିଖ ରାତି ୮ଟା ପର୍ଯ୍ୟନ୍ତ ପୁରୀ ସହରରେ ୧୪୪ ଧାରା ଜାରି ହେବ। ଏହି ସମୟ ମଧ୍ୟରେ ବଡ଼ଦାଣ୍ଡ, ବଡ଼ଦାଣ୍ଡରେ ଥିବା ସମସ୍ତ ହୋଟେଲ୍, ଲଜ୍, ଧର୍ମଶାଳା, ଗେଷ୍ଟହାଉସ୍ ବନ୍ଦ ରହିବ। ଲଜ୍, ଧର୍ମଶାଳା ପ୍ରଭୃତି ୧୮ ତାରିଖ ସୁଦ୍ଧା ବନ୍ଦ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏନେଇ ସମ୍ପୃକ୍ତ ସଂସ୍ଥାର ମାଲିକମାନେ ଲିଖିତ ଭାବେ ସ୍ଥାନୀୟ ପୋଲିସକୁ ଜଣାଇବେ। ବଡ଼ଦାଣ୍ଡରେ ଥିବା ଘରଗୁଡ଼ିକର ବାସିନ୍ଦାଙ୍କ ସମ୍ପର୍କରେ ପୌରସଂସ୍ଥା ପକ୍ଷରୁ ତାଲିକା ପ୍ରସ୍ତୁତ କରାଯାଉଛି। କର୍ଫ୍ୟୁ ସମୟରେ ବିନା କାରଣରେ ତାଲିକାଭୁକ୍ତ ହୋଇ ନ ଥିବା ଲୋକେ କାହାରି ଘରେ ରହୁଥିବା ଜଣାପଡ଼ିଲେ ପୋଲିସ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ନିଆଯିବ। ଏହି ସମୟରେ ବଡ଼ଦାଣ୍ଡ ଥିବା ସମସ୍ତ ଦୋକାନ ବଜାର, ଔଷଧ ଦୋକାନ, ବାଣିଜ୍ୟିକ ପ୍ରତିଷ୍ଠାନ ଓ କାର୍ଯ୍ୟାଳୟ ବନ୍ଦ ରହିବ। ସାଧାରଣ ଲୋକଙ୍କ ଚଳପ୍ରଚଳ ଉପରେ ସମ୍ପୂର୍ଣ୍ଣ କଟକଣା ରହିବ। କୌଣସି ଯାତ୍ରୀବାହୀ ବସ୍ କିମ୍ବା ଟ୍ରେନ୍ ଜିଲା ମଧ୍ୟକୁ ପ୍ରବେଶ କରିପାରିବ ନାହିଁ। କେବଳ ସ୍ୱୀକୃତିପ୍ରାପ୍ତ ଓ ଅତ୍ୟାବଶ୍ୟକ ସାମଗ୍ରୀ ପରିବହନ ଗାଡ଼ିକୁ ଛାଡ଼ି ଦେଲେ କୌଣସି ଗାଡ଼ି ଯାତାୟାତ କରିପାରିବ ନାହିଁ। ବଡ଼ଦାଣ୍ଡକୁ ଛାଡ଼ି ସବୁଠି ଔଷଧ, ଡାକ୍ତରୀ ଉପକରଣ ଓ ଚଷମା ଦୋକାନ ଖୋଲା ରହିବ। ହୋଟେଲ୍ ଓ ରେଷ୍ଟୁରାଣ୍ଟ ଦ୍ୱାରା ହୋମ୍ ଡେଲିଭରି ହେବ। ଜିଲା ମଧ୍ୟକୁ ଥିବା ୮ଟି ପ୍ରବେଶ ଦ୍ୱାରକୁ ସିଲ୍ କରାଯିବ। କେବଳ ବିଦ୍ୟୁତ୍, ଜଳ ଯୋଗାଣ, ଟେଲିକମ୍, ପୋଲିସ ଓ ସୁରକ୍ଷା ପ୍ରଦାନ ସଂକ୍ରାନ୍ତ ସରକାରୀ କାର୍ଯ୍ୟାଳୟ ଖୋଲା ରହିବ। ଏଥିନିମନ୍ତେ ସହଯୋଗ କରିବାକୁ ପ୍ରଶାସନ ପକ୍ଷରୁ ଜନସାଧାରଣଙ୍କୁ ଅନୁରୋଧ କରାଯାଇଛି। ଶନିବାର ଜିଲାପାଳ ସମର୍ଥ ବର୍ମାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଏସବୁ ନିଷ୍ପତ୍ତି ନିଆଯାଇଛି। ଏହି ବୈଠକରେ ଏସ୍‌ପି କନୱର ବିଶାଲ ସିଂଙ୍କ ସମେତ ନିଯୋଗ କର୍ମକର୍ତ୍ତା ଓ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।



ପେଟ୍ରୋଲ ଓ ଡିଜେଲ ଦର ବୃଦ୍ଧି ପ୍ରତିବାଦରେ ଶନିବାର ପୁରୀ ବଡଦାଣ୍ଡସ୍ଥିତ ଏକ ପେଟ୍ରୋଲ ପମ୍ପ ସମ୍ମୁଖରେ କଂଗ୍ରେସ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

## ୧୧ ସାର ଦୋକାନରେ ଚଢ଼ାଉ



ଏକ ସାର ଦୋକାନରେ ବ୍ଲକ କୃଷି ବିଭାଗର ଟିମ୍ ଯାଞ୍ଚ କରୁଛନ୍ତି।

ଗୋପ,୧୭।୭(ଡି.ଏନ୍.ଏ.)

ଗୋପ ବ୍ଲକରେ ସାର ଦୋକାନୀମାନେ ଧାର୍ଯ୍ୟ ସରକାରୀ ଦରଠାରୁ ଅଧିକ ଦାମ୍‌ରେ ସାର ବିକ୍ରି କରୁଥିବା ଅଭିଯୋଗ ହୋଇଆସୁଥିଲା। ଏ ନେଇ ବ୍ଲକ କୃଷି ବିଭାଗ ପକ୍ଷରୁ ଶନିବାର ୩ଜଣିଆ ଟିମ୍ ବିଭିନ୍ନ ସ୍ଥାନର ୧୧ଟି ସାର ଦୋକାନରେ ଚଢ଼ାଉ କରିଥିଲେ। ସରକାରୀ ଧାର୍ଯ୍ୟଠାରୁ ଅଧିକ ଦାମ୍‌ରେ ନ ବିକିବା ପାଇଁ କହିବା ସହ ଧରାପଡ଼ିଲେ ଦୋକାନୀଙ୍କ ବରୋଧରେ କାର୍ଯ୍ୟାନୁଷ୍ଠାନ ହେବ ଓ ଲାଇସେନ୍ସ ରଦ୍ଦ କରାଯିବ ବୋଲି ବ୍ଲକ କୃଷି ଅଧିକାରୀ ନକୁଳ ମଲ୍ଲିକ ତାଗିଦ କରିଛନ୍ତି। ପ୍ରକାଶ ଯେ, ଆଷାଢ଼ରେ ବର୍ଷା ନ ଥିବାବେଳେ ଚାଷୀମାନେ ନାନାଦି ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏପରି ସମୟରେ କେତେକ ସାର ଦୋକାନୀ ଚାଷୀମାନଙ୍କଠାରୁ ଅଧିକ ଦାମ ନେଉଥିବା ଅଭିଯୋଗ ଆସିଥିଲା। ଗୋପ ବ୍ଲକ କୃଷି ଅଧିକାରୀ ମଲ୍ଲିକଙ୍କ ସହ ସହକାରୀ କୃଷି ଅଧିକାରୀ ଚନ୍ଦ୍ରଶେଖର ଦାସ, ବିକାଶ ବିହାରି ପୃଷ୍ଟି ନୟାହାଟ, ପଲ୍ଲିଛକ, ଗୋପ, ନାଗପୁର, ଛଇତନା ପ୍ରଭୃତି ୧୧ଟି ସାର ଦୋକାନରେ ଚଢ଼ାଉ କରିଥିଲେ। ଅଧିକାରୀମାନେ ଦୋକାନୀମାନଙ୍କର ଲାଇସେନ୍ସ ସହ ଆଉ କେତେକ କାଗଜପତ୍ର ଯାଞ୍ଚ କରିଥିଲେ। ଅପରପକ୍ଷେ ଆଉ କେତେକ ସ୍ଥାନରେ ଏବେ ବିନା ଲାଇସେନ୍ସରେ ସାର ଦୋକାନ ଖୋଲିବା ଅଭିଯୋଗ ଆସିଥିବାରୁ ଖୁବଶୀଘ୍ର ଚଢ଼ାଉ କରାଯାଇ ଫୌଜଦାରି ମାମଲା ରୁଜୁ କରାଯିବ ବୋଲି ଗୋପ କୃଷି ଅଧିକାରୀ ମଲ୍ଲିକ କହିଛନ୍ତି।

## ଜିପ୍ ତେଲକୁ ନେଇ ୨ ଥାନା କର୍ମଚାରୀ ହାତାହାତି

ଗୋପ,୧୭।୭(ଡି.ଏନ୍.ଏ.)

ଗୋପ ଥାନାରେ ଶୁକ୍ରବାର ବିଳମ୍ବିତ ରାତିରେ ୨ କର୍ମଚାରୀ ମଧ୍ୟରେ ହାତାହାତି ହୋଇଥିବା ଦେଖିବାକୁ ମିଳିଛି। ଶୁକ୍ରବାର ରାତିରେ ପୋଲିସ ଜିପ ତେଲ କଳାବଜାର ହେବା ଟଙ୍କାକୁ ନେଇ ଥାନାରେ ଥିବା ୨ କର୍ମଚାରୀଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ପରେ ଉଭୟ କର୍ମଚାରୀ ଉତ୍ତ୍ୟକ୍ତ ହୋଇ ଥାନା ମଧ୍ୟରେ ମାରପିଟ ପର୍ଯ୍ୟନ୍ତ କଥା ଯାଇଥିଲା। ଏପରି ଘଟଣା ପରେ ଥାନା ନିକଟରେ ତ୍ରିନାଥ ମନ୍ଦିରରେ ମେଳା ହେଉଥିବାରୁ ପାଟି ଶୁଣି ଲୋକମାନେ ରୁଣ୍ଡ ହୋଇଥିଲେ। ଅନ୍ୟ କର୍ମଚାରୀମାନେ ସେମାନଙ୍କୁ ଅଟକାଇ ବୁଝାଶୁଝା କରିବାରୁ ଶାନ୍ତ ହୋଇଥିଲେ। ଶନିବାର ଏ ସମ୍ପର୍କରେ ଜଣେ କର୍ମଚାରୀ ଦାୟିତ୍ୱରେ ଥିବା ଅଧିକାରୀଙ୍କୁ କହିବାରୁ ଉଭୟଙ୍କ ଡକାଇ ବୁଝାଇଥିଲେ।

# 'କରୋନା ସମୟରେ ସରକାର ନିର୍ଦ୍ଦୟ'

- ଲିଟର ପିଛା ୮୦ ଟଙ୍କାରେ ପେଟ୍ରୋଲ ବିକିଲା କଂଗ୍ରେସ
- ତୈଳଦର ବୃଦ୍ଧି ପ୍ରତିବାଦରେ ବିକ୍ଷୋଭ, ଦସ୍ତଖତ ଅଭିଯାନ

ପୁରୀ ଅଫିସ/ କାକଟପୁର/ଡେଲାଙ୍ଗ, ୧୭।୭(ଡି.ଏନ୍.ଏ.):

ଅନ୍ତର୍ଜାତୀୟ ବଜାରରେ ତୈଳଦର କମ୍ ଥିବା ସତ୍ତ୍ୱେ ଗ୍ରାହକଙ୍କୁ ଲିଟର ପିଛା ୧୦୦ ଟଙ୍କା ଦେବାକୁ ପଡୁଛି। ସରକାରଙ୍କ ଅପାରଗତା ଯୋଗୁ ସାଧାରଣ ଲୋକେ କରୋନା ଭଳି ମହାମାରୀ ସମୟରେ ମଧ୍ୟ ତୈଳଦର ବୃଦ୍ଧିର କଷଣ ସହୁଛନ୍ତି। ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଅତି ନିର୍ଦ୍ଦୟ ଭାବେ ସାଧାରଣ ଲୋକଙ୍କ ଉପରେ କେନ୍ଦ୍ରୀୟ ଶୁଳ୍କ ଓ ଭାଟ୍‌ର ବୋଝ ଲଦିବାରେ ଲାଗିଛନ୍ତି ବୋଲି ପୁରୀ ଜିଲା କଂଗ୍ରେସ କମିଟି ଅଭିଯୋଗ କରିଛି। ଶନିବାର କଂଗ୍ରେସ ପକ୍ଷରୁ ଜନତା ପ୍ରତିକ୍ରିୟା ସମାବେଶ ଓ ଦସ୍ତଖତ ଅଭିଯାନ ଆୟୋଜନ ସହ ଲୋକଙ୍କୁ ଲିଟର ପିଛା ୮୦ ଟଙ୍କାରେ ପେଟ୍ରୋଲ୍ ବିକ୍ରି କରାଯାଇଛି। ରାଜ୍ୟ ଓ କେନ୍ଦ୍ର ସରକାର ପେଟ୍ରୋଲ୍ ଉପରେ କେତେ ଟଙ୍କା କର ବାବଦକୁ ନେଉଛନ୍ତି ଏବଂ ଶୋଷଣ କରୁଛନ୍ତି ସେନେଇ ସଚେତନ କରାଯାଇଛି ବୋଲି କଂଗ୍ରେସ ଯୁବନେତା ଆଲୋକ କୁମାର ଦାସ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ଗୋପାଳ ଖୁଣ୍ଟିଆ, ବୀରେନ୍ଦ୍ର ଭୂଷଣ ହୋତା, ସୁକାନ୍ତ ପ୍ରଧାନ, ସୀତାକାନ୍ତ ମହାନ୍ତି ଏବଂ ଯୁବ ନେତା ଆଦିତ୍ୟ କୁମାରଙ୍କ ସମେତ ଶତାଧିକ କର୍ମୀ ଉପସ୍ଥିତ ଥିଲେ। ସେହିପରି କାକଟପୁର ବ୍ଲକ ୮ ନମ୍ବର ଜୋନ କଂଗ୍ରେସ କମିଟି ପକ୍ଷରୁ କୋଣାର୍କ ନିକଟସ୍ଥ ବାଲିଦୋକାନ ପେଟ୍ରୋଲ ପମ୍ପ ନିକଟରେ ଜୋନ ସଭାପତି ଲକ୍ଷ୍ମୀ ନାରାୟଣ ଜେନାଙ୍କ ନେତୃତ୍ୱରେ ଦସ୍ତଖତ ଅଭିଯାନ ହୋଇଯାଇଛି। ପବିତ୍ର ବିଶାଳ, ଦାଶରଥି ବିଶାଳ, ଚିତ୍ରସେନ କାଣ୍ଡି, ଦିଲୀପ ଦଳାଇ, ନାରାୟଣ ମର୍ଦ୍ଦରାଜ, ପ୍ରସନ୍ନ ମୁଦୁଲି, ପ୍ରହଲ୍ଲାଦ ବାରିକ ଓ ଲକ୍ଷ୍ମୀଧର ବେହେରା ପ୍ରମୁଖ ଯୋଗଦେଇଥିଲେ। ଡେଲାଙ୍ଗ ବ୍ଲକ କଂଗ୍ରେସ ସଭାପତି ରବୀନ୍ଦ୍ର ଦାସଙ୍କ ନେତୃତ୍ୱରେ ଡେଲାଙ୍ଗ ହାଟ ବଜାର, ଷ୍ଟେସନ ବଜାର, ମଉନିମଠ, କଲ୍ୟାଣପୁର, ପାଇକସାହି ପ୍ରଭୃତି ସ୍ଥାନରେ ଜନତାଙ୍କଠାରୁ ସ୍ୱାକ୍ଷର ସଂଗ୍ରହ କରାଯାଇଥିଲା। ନିର୍ମଳ ପରିଡା, ଟିକନ ବିଶ୍ୱାଳ, ପ୍ରହ୍ଲାଦ ପ୍ରଧାନ, ଅଶ୍ରୁମୋଚନ ପ୍ରଧାନ ପ୍ରମୁଖ ସାମିଲ ଥିଲେ।

## ଖବରଦାତାଙ୍କୁ ଗାଳିଗୁଲଜ ଘଟଣାକୁ ନିନ୍ଦା

କୋଣାର୍କ,୧୭।୭(ଡି.ଏନ୍.ଏ.)

ଗୋପ ଅଞ୍ଚଳର ଖବରଦାତା ସନ୍ତୋଷ ରାୟଙ୍କୁ ଗୋପ ଥାନାଧିକାରୀ ଗାଳିଗୁଲଜ କରିବା ଘଟଣାକୁ କୋଣାର୍କ ସାମ୍ବାଦିକ ସଂଘ ନିନ୍ଦା କରିବା ସହ ଆଇନଗତ କାର୍ଯ୍ୟାନୁଷ୍ଠାନ ଦାବି କରିଛି। ସଂଘ ସଭାପତି ଜ୍ୟୋତିରାଜ ମହାନ୍ତିଙ୍କ ସଭାପତିତ୍ୱରେ ଏକ ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ଉପସଭାପତି ଭାଗୀରଥି ସ୍ୱାଇଁ, ସମ୍ପାଦକ ମନୋରଞ୍ଜନ ପଣ୍ଡା, ମୁଖ୍ୟ ଉପଦେଷ୍ଟା ମାନସରଞ୍ଜନ ପାତ୍ର, ଉପଦେଷ୍ଟା ମହେଶ୍ୱର ସାମଲ, ଅକ୍ଷୟ ନାୟକ, ଖବରଦାତା ଅଜିତ ମଲ୍ଲିକ, ପ୍ରଦୀପ ଛାଟୋଇ, ସୁକାନ୍ତ ବିଶ୍ୱାଳ, ଅରୁଣ ବିଶ୍ୱାଳ, ଗଣେଶ ବେହେରା, ପ୍ରମୋଦ ଗୋଚ୍ଛାୟତ ଓ ରୀତାରାଣୀ ସେଠ ପ୍ରମୁଖ ଯୋଗଦେଇ ଥାନା ଅଧିକାରୀଙ୍କୁ ଚାକିରିରୁ ନିଲମ୍ବିତ କରାଯିବାକୁ ଦାବି କରିଥିଲେ। ନଚେତ ପୋଲିସ ମହାନିର୍ଦ୍ଦେଶକଙ୍କୁ ଦାବିପତ୍ର ଦିଆଯିବ ବୋଲି ସଂଘ ସଭାପତି କହିଛନ୍ତି।

## ସୀମା ନିର୍ଦ୍ଧାରଣ ପାଇଁ ଉପଜିଲାପାଳଙ୍କୁ ଦାବିପତ୍ର

କୋଣାର୍କ,୧୭।୭(ଡି.ଏନ୍.ଏ.)

ରାମଚଣ୍ଡୀ ଥାନା ଅଧୀନ ଲିଆଖିଆ ଓ ବଡଗାଁ ଗ୍ରାମ ମଧ୍ୟରେ ସୀମା ବିବାଦର ସମାଧାନ ପାଇଁ ଲିଆଖିଆ ଗ୍ରାମବାସୀ ପୁରୀ ଉପଜିଲାପାଳଙ୍କୁ ଦାବିପତ୍ର ଦେଇଛନ୍ତି। ସୂଚନାଯୋଗ୍ୟ, ଖାଲକଟାପାଟଣାର ଲିଆଖିଆ ପାର୍ଶ୍ୱ ଓ ବଡଗାଁ ସୀମା ପ୍ଲଟ ନଂ-୧୬୭୬ର କେଉଁଠାରୁ କେତେ ପର୍ଯ୍ୟନ୍ତ ତାହା ୨ ଗ୍ରାମବାସୀ ଅବଗତ ନ ଥିବାରୁ ବାରମ୍ବାର ସୀମା ବିବାଦକୁ ନେଇ ବିବାଦ ହେଉଛି। ଏହି ସୀମାଟି କେଉଁ ରାଜସ୍ୱ ନିରୀକ୍ଷକ ସର୍କଲ ଅଧୀନରେ ଆସୁଛି ଏବଂ କେଉଁ ଗ୍ରାମର ତାହା ଅନୁସନ୍ଧାନ ହେବା ଜରୁରୀ ବୋଲି ଲିଆଖିଆ ଗ୍ରାମବାସୀ ଦାବି କରିଛନ୍ତି। ଖୁବଶୀଘ୍ର ସୀମା ବିବାଦର ସମାଧାନ ପାଇଁ ଦାବିପତ୍ରରେ ଦାବି କରାଯାଇଛି। ଏହି ଅଭିଯୋଗ ଅନୁଯାୟୀ ଅନୁସନ୍ଧାନ କରି ଖୁବଶୀଘ୍ର ଗୋପ ତହସିଲଦାରଙ୍କୁ ସମସ୍ୟାର ସମାଧାନ ପାଇଁ ନିର୍ଦ୍ଦେଶ ଦିଆଯିବ ବୋଲି ଉପଜିଲାପାଳ ଭବତାରଣ ସାହୁ କହିଛନ୍ତି।

# ଜଣେ ଗିରଫ, ଖଣ୍ଡା ସହ ୫ ବୋମା ଜବତ

**ବୋମାମାଡ଼ ଘଟଣା**

ପୁରୀ ଅଫିସ, ୧୭।୭:

ପୁରୀ ସଦର ଥାନା ଅଧୀନ ଅଠରନଳା ଗୋପୀନାଥପୁର ବୋମାମାଡ଼ ଘଟଣାରେ ଶନିବାର ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଲେ ଚନ୍ଦନପୁର ଥାନା ଅନ୍ତର୍ଗତ ଥେଣ୍ଟାପୁର ଗ୍ରାମର ନିଲୁ ବରାଳ (୨୩)। ତାଙ୍କଠାରୁ ୨ଟି ଖଣ୍ଡା, ୫ଟି ଜୀବନ୍ତ ବୋମା ଏବଂ ବୋମାର କିଛି ଅଂଶବିଶେଷ ଜବତ କରାଯାଇଛି। ଏ ନେଇ ଏକ ମାମଲା (ନଂ. ୨୭୮/୨୧) ରୁଜୁ ହୋଇଛି। ମୁଖ୍ୟ ଅଭିଯୁକ୍ତ ଅଜୟ ଏବଂ ଅନ୍ୟ ସହଯୋଗୀଙ୍କୁ ଗିରଫ କରିବା ପାଇଁ ପୋଲିସ ପ୍ରୟାସ ଜାରି ରଖିଛି। ନିଲୁଙ୍କୁ ପଚରାଉଚରା କରାଯିବା ପରେ ରବିବାର କୋର୍ଟ ଚାଲାଣ କରାଯିବ ବୋଲି ପୋଲିସ ପକ୍ଷରୁ ସୂଚନା ମିଳିଛି।

ଅଭିଯୋଗ ଅନୁଯାୟୀ, ଖଣ୍ଡିଆବନ୍ଧ ଅଞ୍ଚଳର ଜଣେ ଯୁବତୀଙ୍କୁ ସେହି ଅଞ୍ଚଳର ଅଜୟ ସାମନ୍ତରାୟ ଏକତରଫା ପ୍ରେମ କରୁଥିଲେ। ଏ ନେଇ ଉଭୟଙ୍କ ଘରଲୋକ ଜାଣିବା ପରେ କଥା ସଦର ଥାନାକୁ ଯାଇଥିଲା। ତେବେ ଅଜୟଙ୍କୁ ସମ୍ପୃକ୍ତ ଯୁବତୀ ଭଲ ପାଉ ନ ଥିବା କହିବା ପରେ କିଛି ମାସ ତଳେ ପୋଲିସ ଏହି ଘଟଣାର ସମାଧାନ କରିଥିଲା। ଏହାପରେ ଗତ ୧୪ ତାରିଖରେ ସମ୍ପୃକ୍ତ ଯୁବତୀଙ୍କର ଅନ୍ୟତ୍ର ବିବାହ ହୋଇଯାଇଥିଲା। ଏଥିରେ ଅଜୟ ଉତ୍ତ୍ୟକ୍ତ ହୋଇ ଶୁକ୍ରବାର ରାତି ପ୍ରାୟ ସାଢ଼େ ୧୧ଟାରେ ସାଥି ସୁନୀଲ ନାୟକ, ନିଲୁ ଓ ଅନ୍ୟ କେତେଜଣଙ୍କ ସହ ମାରଣାସ୍ତ୍ର ଓ ବୋମା ଧରି ଅଠରନଳାସ୍ଥିତ ସମ୍ପୃକ୍ତ ଯୁବତୀଙ୍କ ବାପାଙ୍କ ଦୋକାନ ପାଖରେ ପହଞ୍ଚିଥିଲେ। ସେମାନେ ହଠାତ ଦୋକାନ ଭିତରେ ଥିବା ଯୁବତୀଙ୍କ ବାପାଙ୍କୁ ଖଣ୍ଡାରେ ହାଣିବାକୁ ଚେଷ୍ଟା କରିଥିଲେ। ତେବେ ସେ ଖଣ୍ଡା ଧରି ପକାଇବାରୁ ସେମାନଙ୍କ ମଧ୍ୟରେ ଧସ୍ତାଧସ୍ତି ହୋଇଥିଲା। ଏହି ସମୟରେ ଅଭିଯୁକ୍ତମାନେ ଦୋକାନ ଉପରକୁ ୨ଟି ବୋମା ମାଡ଼ କରିବାରୁ ଯୁବତୀଙ୍କ ବାପା ଓ ମା' ଗୁରୁତର ଆହତ ହୋଇଥିଲେ। ଏହାପରେ ଅଭିଯୁକ୍ତମାନେ ଫେରାର ହୋଇଯାଇଥିଲେ। ଯୁବତୀଙ୍କ ବାପା ଓ ମା'ଙ୍କ ପାଟି ଶୁଣି ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚିଥିଲା।

## ବ୍ରହ୍ମଦର୍ଶନ ଉନ୍ମୋଚିତ

ପୁରୀ ଅଫିସ,୧୭।୭:

ବ୍ରହ୍ମଦର୍ଶନ ପତ୍ରିକାର ସପ୍ତମ ସଂଖ୍ୟା ଅଣସର ଓ ରଥଯାତ୍ରା ବିଶେଷାଙ୍କ ଶନିବାର ଶ୍ରୀମନ୍ଦିର ସମ୍ମୁଖରେ ଉନ୍ମୋଚିତ ହୋଇଛି। ପ୍ରଥମେ ପତ୍ରିକାକୁ ମହାପ୍ରଭୁଙ୍କ ଚରଣ କମଳରେ ସମର୍ପଣ କରାଯାଇଥିଲା। ମୁଖ୍ୟ ସଂଯୋଜକ କୃଷ୍ଣଚନ୍ଦ୍ର ରଥ, ସୁଲେଖାର ମୁଖ୍ୟ ସମ୍ପାଦକ ସଦାଶିବ ମିଶ୍ର, ଯୋଗପଲ୍ଲବର ସମ୍ପାଦକ ରମାକାନ୍ତ କର, ନୀଳାଦ୍ରି ସମ୍ପାଦକ ରାମଚନ୍ଦ୍ର ଦାଶମହାପାତ୍ର, ଅମୃତ ଅନୁଭବର ସମ୍ପାଦକ ଶ୍ରୀକାନ୍ତ ମହାନ୍ତି ପ୍ରମୁଖ ପତ୍ରିକାକୁ ଉନ୍ମୋଚନ କରିଥିଲେ। ରାଜ୍ୟ ଯୋଜନା ବୋର୍ଡ ଉପାଧ୍ୟକ୍ଷ ସଞ୍ଜୟ ଦାସବର୍ମା, ସମ୍ପାଦକ ବନବିହାରୀ ନାୟକ, ପ୍ରତିଷ୍ଠାତା ସମ୍ପାଦକ ଶ୍ରୀକୁମାର ଶ୍ରୀଚନ୍ଦନ, ଅତିଥି ସମ୍ପାଦକ ଦେଶବନ୍ଧୁ ସ୍ୱାଇଁ ପ୍ରମୁଖଙ୍କ ଲେଖା ଏଥିରେ ରହିଛି।

## ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଲା ଓଡ଼ିଶା ମୋ ପରିବାର

**ରଥଯାତ୍ରାରେ ବିଶୃଙ୍ଖଳା ପ୍ରସଙ୍ଗ**

ପୁରୀ ଅଫିସ,୧୭।୭

ଚଳିତବର୍ଷ ରଥଯାତ୍ରାରେ ଜିଲା ଓ ପୋଲିସ ପ୍ରଶାସନର ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇଥିବା ନେଇ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଛନ୍ତି ଓଡ଼ିଶା ମୋ ପରିବାରର ସଂଯୋଜକ ଭଗବାନ ପଢ଼ିଆରୀ। ସେ ଚିଠିରେ ଉଲ୍ଲେଖ କରିଛନ୍ତି ଯେ, ସରକାର ଚଳିତବର୍ଷ ବି ବିନା ଭକ୍ତରେ ରଥଯାତ୍ରା କରିବାକୁ ନିର୍ଦ୍ଦେଶ ଦେଇଥିଲେ। ମାତ୍ର ଜିଲା ପ୍ରଶାସନ, ଶ୍ରୀମନ୍ଦିର ପ୍ରଶାସନ ଓ ପୋଲିସ ପ୍ରଶାସନ କ୍ଷମତାର ଅପବ୍ୟବହାର କରି ଅନଧିକୃତ ବ୍ୟକ୍ତିମାନଙ୍କୁ ରଥ ପାସ୍ ଯୋଗାଇଛନ୍ତି। ଫଳରେ ବିଶୃଙ୍ଖଳା ସୃଷ୍ଟି ହୋଇଥିଲା। ସରକାରଙ୍କ ନିୟମ ମାନି ପୁରୀବାସୀ ଘରେ ରହି ଟିଭିରେ ରଥଯାତ୍ରା ଦେଖିଥିଲେ। ହେଲେ କେତେଜଣ ଅସାମାଜିକ ବ୍ୟକ୍ତି ରଥଯାତ୍ରାରେ ସାମିଲ ହୋଇଥିବାରୁ ଅଗଣିତ ଜଗନ୍ନାଥପ୍ରେମୀଙ୍କ ସହ ପୁରୀବାସୀଙ୍କୁ ଆଘାତ ଦେଇଛି। ପ୍ରଶାସନ ପକ୍ଷରୁ ବହୁ ଜାଲିଆତି ରଥ କର୍ଡନ ପାସ ଦିଆଯାଇଥିବାବେଳେ ମ୍ୟୁନିସିପାଲଟି ପକ୍ଷରୁ ମନଇଚ୍ଛା ପାସ୍ ଦିଆଯାଇଥିଲା। ଗଣମାଧ୍ୟମ ପ୍ରତିନିଧିଙ୍କ ପାଇଁ ପ୍ରାୟ ୧୦୦୦ରୁ ଊର୍ଦ୍ଧ୍ୱ ପାସ୍ ଓ ସେବାୟତ ପାସ୍ ବି ଜାରି କରାଯାଇଥିଲା। ମାତ୍ର ଅନେକ ବ୍ୟକ୍ତି ଗଣମାଧ୍ୟମ ପ୍ରତିନିଧି ଓ ସେବାୟତଙ୍କ ବେଶରେ ଆସି ରଥ ଟାଣୁଥିବା ଦେଖିବାକୁ ମିଳିଥିଲା। ଏଥିସହ ସହାୟକ ନାମରେ ଲାଞ୍ଚ ଦେଇ ବହୁ ପାସ୍ ବିତରଣ କରାଯାଇଥିବା ପଢିଆରୀ ଅଭିଯୋଗ କରିଛନ୍ତି। ଏହାର ପ୍ରମାଣ ମଧ୍ୟ ରହିଥିବା ସେ କହିଛନ୍ତି। ତେଣୁ ତଦନ୍ତ କରାଯାଇ ଦୋଷୀଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନିମନ୍ତେ ସେ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି। ସେହିଭଳି ଶ୍ରୀଜଗନ୍ନାଥ ସେନା ପକ୍ଷରୁ ମଧ୍ୟ ଏଭଳି ଅଭିଯୋଗ ଅଣାଯାଇ କାର୍ଯ୍ୟାନୁଷ୍ଠାନ ଦାବି କରାଯାଇଛି।

# ଅନୈତିକ କାର୍ଯ୍ୟର କ୍ରାଇମବ୍ରାଞ୍ଚ ତଦନ୍ତ ଦାବି

**ଏସ୍‌ଡିପିଓଙ୍କୁ ଦାବିପତ୍ର ଦେଲା ଦଳିତ ଆଦିବାସୀ ମାଇନୋରିଟି ମହାସଂଘ**

ପିପିଲି, ୧୭।୭(ସ୍ୱ.ପ୍ର.):

କଣାସ ବ୍ଲକର ଏକ ପ୍ରତିଷ୍ଠାନ ନାମରେ ହତ୍ୟା, ବଳାତ୍କାର, ଅଙ୍ଗତସ୍କରୀ ଏବଂ ଶିଶୁ ଚାଲାଣ ଭଳି ସଙ୍ଗିନ ଅଭିଯୋଗ ଆସିଛି। ଶନିବାର ପିପିଲିଠାରେ ଏକ ଖବରଦାତା ସମ୍ମିଳନୀରେ ଦଳିତ ଆଦିବାସୀ ମାଇନୋରିଟି ମହାସଂଘ ଏଭଳି ସଙ୍ଗିନ ଅଭିଯୋଗ ଆଣିଛି। ମହାସଂଘର ରାଜ୍ୟ ସଭାପତି ବିଜୟ ସେଠୀ ଅଭିଯୋଗ କରିଛନ୍ତି ଯେ, ସମ୍ପୃକ୍ତ ପ୍ରତିଷ୍ଠାନରେ ନିରାଶ୍ରୟ, ବିଧବା, ଅନାଥ, ବୃଦ୍ଧାବୃଦ୍ଧ, ଗରିବଙ୍କୁ ଆଶ୍ରୟ ଦେବା ସହ ଛାତ୍ରୀଛାତ୍ରଙ୍କୁ ଶିକ୍ଷା ଓ ସେବା ଯୋଗାଇବା ପାଇଁ ବ୍ୟବସ୍ଥା ରହିଛି। କିନ୍ତୁ ସେବା ଯୋଗାଇବା ନାଁରେ ସେଠାରେ ଅନୈତିକ କାର୍ଯ୍ୟ ଚାଲିଛି। ୨୦୨୦ରେ ଉକ୍ତ ଅନୁଷ୍ଠାନରେ ୪ ଅନ୍ତେବାସୀଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଥିଲା। ସମ୍ପୃକ୍ତ ଅନ୍ତେବାସୀଙ୍କୁ ହତ୍ୟା କରାଯାଇଥିବା ନେଇ ସେମାନଙ୍କ ପରିବାର ଲୋକେ କଣାସ ଓ ପୁରୀ କୁମ୍ଭାରପଡ଼ା ଥାନାରେ ଲିଖିତ ଅଭିଯୋଗ କରିଥିଲେ ମଧ୍ୟ ପୋଲିସ ଚୁପ୍ ବସିଛି। ଏଥିଯୋଗୁ ସମ୍ପୃକ୍ତ ପରିବାରବର୍ଗ ନ୍ୟାୟ ପାଇଁ ଜାତୀୟ ଦଳିତ ମହାସଂଘର ଦ୍ୱାରସ୍ଥ ହୋଇଛନ୍ତି। ସେଠୀଙ୍କ ସମେତ ମାନବ ଅଧିକାର କର୍ମୀ ତଥା ଆଇନଜୀବୀ ଚିନ୍ମୟ ଦାଶ ଏବଂ ଅଭିଯୋଗକାରିଣୀମାନେ କ୍ରାଇମବ୍ରାଞ୍ଚ ତଦନ୍ତ ଦାବି କରିଛନ୍ତି। ଏନେଇ କ୍ରାଇମବ୍ରାଞ୍ଚ ଡିଜିପିଙ୍କ ଉଦ୍ଦେଶ୍ୟରେ ଏପିପିଲି ଏସ୍‌ଡିପିଓ ଦେବଦତ୍ତ ବରାଳଙ୍କୁ ଏକ ଦାବିପତ୍ର ଦିଆଯାଇଛି। ଅଭିଯୋଗଗୁଡ଼ିକର ତଦନ୍ତ କରାଯିବ ବୋଲି ଏସ୍‌ଡିପିଓ ପ୍ରତିଶ୍ରୁତି ଦେଇଥିବା ମହାସଂଘର କର୍ମକର୍ତ୍ତାମାନେ କହିଛନ୍ତି।

# ଭୂମିହୀନଙ୍କୁ ମିଳିବ ଜମିପଟ୍ଟା, ଆବାସ ସହାୟତା

ଡେଲାଙ୍ଗ,୧୭।୭(ଡି.ଏନ୍.ଏ.)

ରାଜ୍ୟରେ ଥିବା ଭୂମିହୀନମାନେ ଆବେଦନ କରିଥିବା ସଂଖ୍ୟା ଅନୁଯାୟୀ ତଦନ୍ତ କରି ଜମିପଟ୍ଟା ଓ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ସହାୟତା ଦିଆଯିବ। ଏଥିସହ ନୂତନ ଆବାସ ସହାୟତା ଆବେଦନପତ୍ର ଗ୍ରହଣ କରାଯିବ ନାହିଁ ବୋଲି ପଞ୍ଚାୟତିରାଜ ବିଭାଗ ପ୍ରମୁଖ ଶାସନ ସଚିବ ଦେଓ ରଞ୍ଜନ ସିଂ ଭିଡିଓ କନ୍‌ଫରେନ୍ସ ଜରିଆରେ ଅନୁଷ୍ଠିତ ସମ୍ମିଳନୀରେ ନିର୍ଦ୍ଦେଶ ଦେଇଛନ୍ତି। ଏ ନେଇ ରାଜ୍ୟର ସମସ୍ତ ଜିଲା ଗ୍ରାମ୍ୟ ବିକାଶ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ଓ ୩୧୪ ବ୍ଲକର ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ଚଳିତବର୍ଷ ସେପ୍ଟେମ୍ବର ୩୦ ପୂର୍ବରୁ ଅଧାପନ୍ତରିଆ ଭାବେ ପଡ଼ିରହିଥିବା ଆବାସ ଗୃହ ନିର୍ମାଣ ସମ୍ପୂର୍ଣ୍ଣ କରିବାକୁ ପରାମର୍ଶ ଦେଇଛନ୍ତି। ଏହି ଅବସରରେ ଡେଲାଙ୍ଗ ପଞ୍ଚାୟତ ସମିତିରେ ୪୧୫ ଗ୍ରାମୀଣ ଆବାସ ଅର୍ଦ୍ଧନିର୍ମିତ ଅବସ୍ଥାରେ ପଡ଼ିରହିଛି। ୩୧ ଜୁଲାଇ ମଧ୍ୟରେ ଅଯୋଗ୍ୟ ଆବେଦନକାରୀଙ୍କୁ ଚିହ୍ନଟ ଓ ସେମାନଙ୍କ ନାମକୁ ଆବାସ ପୋର୍ଟାଲରୁ ବାଦ୍ ଦେବାକୁ ପ୍ରମୁଖ ସଚିବ ପରାମର୍ଶ ଦେଇଥିଲେ। ବାଦ୍ ପଡ଼ିଥିବା ଆଶାୟୀ ହିତାଧିକାରୀଙ୍କୁ ଯୋଗ କରାଯିବ, କିନ୍ତୁ ପରିବାର ବିଭାଜନରେ ଏହା ଉଦ୍ଦିଷ୍ଟ ହେବ ନାହିଁ ବୋଲି କହିଛନ୍ତି। ଚଳିତମାସ ଶେଷ ସୁଦ୍ଧା ଭୂମିହୀନ ହିତାଧିକାରୀମାନଙ୍କୁ ଜମିପଟ୍ଟା ପ୍ରଦାନ କରାଯିବ। ଭୌଗୋଳିକ ଦୃଷ୍ଟିକୋଣରୁ ତଦନ୍ତ କରି ହିତାଧିକାରୀଙ୍କ ବ୍ୟାଙ୍କ ଖାତା ସଂଗ୍ରହ କରାଯାଇ ଜୁଲାଇ ୨୫ରେ ଅନ୍‌ଲାଇନରେ ଅପ୍‌ଲୋଡ କରିବାକୁ ସଚିବ ସିଂ ନିର୍ଦ୍ଦେଶ ଦେଇଥିବା ଡେଲାଙ୍ଗ ବିଡିଓ ଦିଲୀପ କୁମାର ଷଡ଼ଙ୍ଗୀ ସୂଚନା ଦେଇଛନ୍ତି। ଆବାସ ଯୋଜନା ସହାୟତାର ପ୍ରଲୋଭନ ଦେଖାଇ ହିତାଧିକାରୀଙ୍କ ନିକଟରୁ କାଗଜପତ୍ର ଆଣିବା ସମ୍ପର୍କରେ କୌଣସି ଖବର ଆସିଲେ ଉକ୍ତ ବ୍ୟକ୍ତିଙ୍କ ନାମରେ ଥାନାରେ ଲିଖିତ ଅଭିଯୋଗ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବିଡିଓ ଷଡ଼ଙ୍ଗୀ କହିଛନ୍ତି।



ବୈଠକରେ ଉପସ୍ଥିତ ଥିବା ଅଧିକାରୀମାନେ।